ଟିପ୍ପଣୀ

# ୨୪

# ଯୁଦ୍ଧ ମଧ୍ୟବର୍ତ୍ତୀ ସମୟ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧକୁ ଇତିହାସରେ ବିଶ୍ୱଯୁଦ୍ଧ ଯୁଗ ବୋଲି କୁହାଯାଏ । ପ୍ରଥମ ବିଶ୍ୱ ଯୁଦ୍ଧକୁ ଅନେକ ଲୋକ ସମସ୍ତ ଯୁଦ୍ଧର ପରିସମାପ୍ତି ବୋଲି ମତ ଦେଇଥାଆନ୍ତି । ପରନ୍ତୁ ଆଗାମୀ ୨୦ ବର୍ଷ ମଧ୍ୟରେ ଘଟିଥିବା ପରିବର୍ତ୍ତନ ବିଶ୍ୱକୁ ଅନ୍ୟ ଏକ ଯୁଦ୍ଧ ପ୍ରତି ଅଗ୍ରସର କରିଦେଇଥିଲା ।  ଯାହକି ପୂର୍ବାପେକ୍ଷା ଅଧିକ ବିଧ୍ୱଂଶକାରୀ, ବ୍ୟାପକ ତଥା ବିଶାଳ ଆକାର ଧାରଣ କରିଥିଲା । ଉକ୍ତ ଯୁଦ୍ଧର କାରଣ ମାନ ବୁଝିବାକୁ ହେଲେ ଆମକୁ ଯୁଦ୍ଧ ମଧ୍ୟବର୍ତ୍ତୀ ସମୟକୁ ପୁଂଖାନୁପୁଂଖ ଭାବରେ ଅଧ୍ୟୟନ କରିବା ଆବଶ୍ୟକ ।

ପ୍ରଥମ ବିଶ୍ୱଯୁଦ୍ଧର ପରିସମାପ୍ତି ୟୁରୋପ ଦେଶମାନଙ୍କ ମଧ୍ୟରେ ଥିବା ଶତୃତା ଶେଷ କରି ପାରିନଥିଲା । ଏପରିକି ଶାନ୍ତି ଚୁକ୍ତି  ମଧ୍ୟ ଶାନ୍ତି ସ୍ଥାପନରେ ସଫଳ ହୋଇନଥିଲା । ବିଶେଷ କରି ପରାଜିତ ରାଷ୍ଟ୍ରମାନଙ୍କ ପ୍ରତି ଉକ୍ତ ଚୁକ୍ତି ଗୁଡିକ ଅତି କଠୋର ଏବଂ ଅମାନବନୀୟ ଥିଲା । ଏଣୁ ଏହା ଭବିଷ୍ୟତରେ ସଂଘର୍ଷ ପାଇଁ ବୀଜ ବପନ କରିଥିଲା । ଏପରିକି ଏହି ସନ୍ଧି ଗୁଡିକ ମଧ୍ୟ କେତେକ ମିତ୍ର ରାଷ୍ଟ୍ର ମାନଙ୍କର ରାଜ୍ୟ ବିସ୍ତାର ଆକାଂକ୍ଷାକୁ ସନ୍ତୁଷ୍ଟ କରିପାରିନଥିଲା । କେତେକ ରାଷ୍ଟ୍ରରେ ଶକ୍ତିଶାଳୀ ଏକଛତ୍ର ଶାସକ ମାନେ କ୍ଷମତାସୀନ ହୋଇଥିଲେ ଏବଂ ଉଗ୍ର ଜାତୀୟତାବାଦର ବାର୍ତ୍ତା ପ୍ରଚାର କରିଥିଲେ । ସବୁଠାରୁ ମହତ୍ୱପୂର୍ଣ୍ଣ କଥାହେଲା ଯେ ଯୁଦ୍ଧର ମୂଳ କାରଣ ସାମ୍ରାଜ୍ୟ ବାଦର ପରିସମାପ୍ତି ଘଟିନଥିଲା ।

ଋଷ ବିପ୍ଳବ ଏବଂ ସୋଭିଏତ୍ ସଂଘର ଆବିର୍ଭାବ ହେତୁ ବିଶ୍ୱ ଦୁଇଟି ଭାଗରେ ବିଭକ୍ତ ହୋଇଥିଲା । ଗୋଟିଏ ଭାଗ ଏହି ଆନ୍ଦୋଳନ ସମର୍ଥକ ଥିବାବେଳେ ଅନ୍ୟ ପକ୍ଷରେ ଥିବା ରାଷ୍ଟ୍ରମାନେ ଏହାର ପରିଣାମ ପ୍ରତି ଭୟଭିତ ହୋଇପଡିଥିଲେ । ପରବର୍ତ୍ତିଦଳରେ ଅଧିକାଂଶ ପଶ୍ଚିମ ୟୁରୋପିୟ ରାଷ୍ଟ୍ରମାନେ ସାମିଲ୍ ହୋଇଥିଲେ । କାରଣ ସେମାନେ ସମାଜ ବାଦକୁ ନିଜ ନିଜର ସାମାଜିକ ତଥା ଆର୍ଥିକ ବ୍ୟବସ୍ଥା ପ୍ରତି ଏକ ଧମକ ବୋଲି ବିଚାର କରୁଥିଲେ । ସୋଭିଏତ୍ ଋଷ ସାମ୍ରାଜ୍ୟବାଦକୁ ବିରୋଧ କରିବା ସହିତ ଏସିଆ ଏବଂ ଆଫ୍ରିକାରେ ଥିବା ଉପନିବେଶ ଗୁଡିକ ତାଙ୍କର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ପ୍ରଦାନ କରୁଥିଲେ । ଉକ୍ତ ପାଠ୍ୟକ୍ରମରେ ତୁମ୍ଭେମାନେ ଜାଣିପାରିବ ଉକ୍ତ ସମସ୍ତ ପରିସ୍ଥିତି ଏକତ୍ରୀତ ହୋଇ ଅନ୍ୟ ଏକ ବିଶ୍ୱ ଯୁଦ୍ଧ ପାଇଁ କିପରି ଅନୁକୁଳ ପରିସ୍ଥିତି ସୃଷ୍ଟି କରିଥିଲା ।

## ଉଦ୍ଦେଶ୍ୟ

ଏହି ପରିଚ୍ଛେଦ ଅଧ୍ୟୟନ କଲାପରେ ତୁମେ :-

- ଶାନ୍ତି ଚୁକ୍ତି ଏବଂ ୟୁରୋପର ପରିବର୍ତ୍ତିତ ମାନଚିତ୍ରକୁ ବିଶ୍ଳେଷଣ କରିପାରିବେ ।
- ଇଟାଲି, ଜର୍ମାନୀ ଏବଂ ଜାପାନରେ ଏକଛତ୍ରବାଦର ଉତ୍ପତ୍ତିର ନିଦର୍ଶନ ପାଇବ ।
- ଆମେରିକା, ସୋଭିଏତ୍ ଋଷ ଏବଂ ୟୁରୋପ ଉପରେ ଆର୍ଥିକ ଚାପ (Depression)ର  ପ୍ରଭାବର ବ୍ୟାଖ୍ୟା କରିପାରିବେ ।
- ଆକ୍ରମଣ ଏବଂ ତୁଷ୍ଟିକରଣ ମଧ୍ୟରେ ବିଶ୍ଳେଷଣ କରି ପାରିବେ ।
- ଯୁଦ୍ଧର ଗତିବିଧି ବିଷୟରେ ଉଲ୍ଲେଖ କରିପାରିବେ ।



ଟିପ୍ପଣୀ

## ୨୪.୧ ଶାନ୍ତି ଚୁକ୍ତି ମାନ

ପ୍ୟାରିସ୍ ଠାରେ ହୋଇଥିବା ଶାନ୍ତି ସମ୍ମିଳନୀରେ ଶାନ୍ତି ଚୁକ୍ତିମାନ ସ୍ୱାକ୍ଷରୀତ ହେବାପରେ ପ୍ରଥମ ବିଶ୍ୱଦ୍ଧର ପରିସମାପ୍ତି ଘଟିଥିଲା । ଉକ୍ତ ସମ୍ମିଳନୀରେ ଯୋଗଦାନ କରିଥିବା ମହତ୍ୱପୂର୍ଣ୍ଣ ନେତୃବୃନ୍ଦ ଥିଲେ ଆମେରିକାର ରାଷ୍ଟ୍ରପତି ଉଡ୍ରୋ ଉଇଲସନ୍ ବ୍ରିଟିସ୍ ପ୍ରଧାନମନ୍ତ୍ରୀ ଲାୟଡ୍ ଜର୍ଜ୍ ଏବଂ ଫରାସୀ ପ୍ରଧାନମନ୍ତ୍ରୀ ଜର୍ଜ୍ କ୍ଲିମେନ୍ସୁ ।

**ରାଷ୍ଟ୍ରସଂଘ :** ଉକ୍ତ ଶାନ୍ତି ସମ୍ମିଳନୀର ଏକ ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାଷ୍ଟ୍ରସଂଘ ନାମକ ଏକ ବିଶ୍ୱସ୍ତରିୟ ସଂଗଠନ ସ୍ଥାପନ କରିବା, ଯାହାର ଲକ୍ଷ୍ୟ ଆନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ବୁଝାମଣା, ସୁରକ୍ଷା ଏବଂ ଶାନ୍ତି ସ୍ଥାପନ କରିବା । ଏହି ରାଷ୍ଟ୍ରସଂଘର ପ୍ରତିଜ୍ଞା ପତ୍ର (ଔପଚାରିକ ଚୁକ୍ତି) କୁ ଏପ୍ରିଲ ୧୯୧୯ ମସିହାରେ ଅନୁମୋଦନ ପ୍ରଦାନ କରାଗଲା ।

ଏହି ଚୁକ୍ତି ଅନୁସାରେ ସମସ୍ତ ସଦସ୍ୟ ମାନେ ବିଶ୍ୱଶାନ୍ତି ପାଇଁ ଯୁଦ୍ଧ ସାମଗ୍ରୀ ଗୁଡିକୁ ହ୍ରାସ କରିବାର ଆବଶ୍ୟକତାକୁ ଉପଲବ୍ଧି କରିଥିଲେ । ଯଦି କୌଣସି ସଦସ୍ୟ ରାଷ୍ଟ୍ର ଯୁଦ୍ଧର ଆଶ୍ରୟ ନିଏ ତା ହେଲେ ତା ବିରୁଦ୍ଧରେ ମିଳିତଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରିକି ଆକ୍ରମଣକାରୀ ରାଷ୍ଟ୍ର ସହିତ ସମସ୍ତ ପ୍ରକାର ବାଣିଜ୍ୟ ବ୍ୟବସାୟକୁ ମଧ୍ୟ ବନ୍ଦ କରାଯିବ । ଏସବୁ ସତ୍ୱେ ମଧ୍ୟ ରାଷ୍ଟ୍ରସଂଘ ବିଶେଷ ପ୍ରଭାବଶାଳୀ ସଂଗଠନ ହୋଇପାରିନଥିଲା । ସୋଭିଏତ ସଂଘ ଓ ଜର୍ମାନୀ ଭଳି ଦୁଇ ମୁଖ୍ୟ ରାଷ୍ଟ୍ରଙ୍କୁ ବହୁଦିନ ପର୍ଯ୍ୟନ୍ତ ସଦସ୍ୟ ହେବାପାଇଁ ଅନୁମତି ଦିଆଯାଇନଥିଲା । ଯୁକ୍ତରାଷ୍ଟ୍ର ଆମେରିକା ଏହାକୁ ସୃଷ୍ଟି କରିବାପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସତ୍ୱେ ଏଥିରେ ଯୋଗଦାନ କରିନଥିଲା । ଏଣୁ ୧୯୩୦ ମସିହାରେ ଯେତେବେଳେ ପ୍ରଥମ ଆକ୍ରମଣ ଆରମ୍ଭ ହେଲା ରାଷ୍ଟ୍ରସଂଘ ଏହାକୁ ପ୍ରତିରୋଧ କରିବାରେ ସକ୍ଷମ ହୋଇପାରି ନଥିଲା ।

**ଭାର୍ସାଇ ସନ୍ଧି :** ଶାନ୍ତି ସନ୍ଧି ଗୁଡିକ ରାଷ୍ଟ୍ରପତି ଉଇଲସନଙ୍କ ଶାନ୍ତି ପ୍ରସ୍ତାବ ବା ତାଙ୍କର ୧୪ ଧାରା ଉପରେ ଆଧାରିତ ହୋଇଥିଲା । ଏହା ଶାନ୍ତି ଯୁଗ ସ୍ଥାପନ କରିବା, ସ୍ୱାଧୀନତା, ଗଣତନ୍ତ୍ର ଏବଂ ସ୍ୱନିର୍ଣ୍ଣୟ (Self determination) (ନିଜ ସରକାରରେ ମତସ୍ଥାପିତ କରିବାର ଅଧିକାର) ଇତ୍ୟାଦି ସ୍ଥାପନ କରିବା ସିଦ୍ଧାନ୍ତ ଉପରେ ଆଧାରିତ ଥିଲା । କିନ୍ତୁ ମିତ୍ରରାଷ୍ଟ୍ରମାନେ ଜର୍ମାନୀ ସହିତ ଭାର୍ସାଇ ସନ୍ଧି ସ୍ୱାକ୍ଷର କରିବା ସମୟରେ ଉକ୍ତ ସିଦ୍ଧାନ୍ତକୁ ଅଣଦେଖା କରିଥିଲେ ।

## ଉକ୍ତ ଚୁକ୍ତି ଅନୁସାରେ : -

୧. ଜର୍ମାନୀକୁ ଆକ୍ରମଣକାରୀ ବୋଲି ବଦନାମ କରାଯାଇଥିଲା ଏବଂ ଯୁଦ୍ଧ ସମୟରେ ମିତ୍ର ରାଷ୍ଟ୍ରମାନଙ୍କର କ୍ଷୟକ୍ଷତି ନିମନ୍ତେ ଜର୍ମାନୀକୁ ଦାୟୀ ବୋଲି ସ୍ୱୀକାର କରିବା ନିମନ୍ତେ ବାଧ କରାଯାଇଥିଲା ।

୨. ଉକ୍ତ କ୍ଷତି ପୁରଣ ନିମନ୍ତେ ଜର୍ମାନୀକୁ ମିତ୍ରରାଷ୍ଟ୍ର ମାନଙ୍କୁ ୬,୬୦୦ ମିଲିୟନ ଡଲାର ଦେବାପାଇଁ ଧାର୍ଯ୍ୟ କରାଯାଇଥିଲା ।

୩. ଜର୍ମାନୀର 'ସାର' ଉପତ୍ୟକାରେ ଥିବା କୋଇଲା ଖଣି ଅଞ୍ଚଳକୁ 15 ବର୍ଷ ପାଇଁ ରାଷ୍ଟ୍ରସଂଘ ଅଧିନରେ ରଖାଯାଇ ଖଣିଗୁଡିକୁ ଫ୍ରାନସକୁ ଦିଆଯାଇଥିଲା ।

୪. ନୂତନ ଭାବେ ଗଠନ କରାଯାଇଥିବା ପୋଲାଣ୍ଡ ରାଷ୍ଟ୍ର (ମାନଚିତ୍ର- ୧ଦେଖନ୍ତୁ) କୁ ବଲଟିକ୍ ସମୁଦ୍ର ପର୍ଯ୍ୟନ୍ତ ଯିବା ପାଇଁ ଏକ ସଙ୍କୀର୍ଣ୍ଣ ପଥ ପ୍ରଦାନ କରାଗଲା । ଉକ୍ତ ସଂଙ୍କୀର୍ଣ୍ଣ ପଥ ପୂର୍ବ ପ୍ରୁସିଆକୁ ଅବଶିଷ୍ଟ ଜର୍ମାନୀଠାରୁ ପୃଥକ କରୁଥିଲା । ଉକ୍ତ ପଥରେ ଥିବା ଡେନ୍‌ଜିଗ୍ (Danzig) ବନ୍ଦରକୁ ଏକ ମୁକ୍ତ ସହର ବୋଲି ଘୋଷଣା କରାଗଲା ।



ଟିପ୍ପଣୀ

୫. ଜର୍ମାନୀର ସୈନ୍ୟ ସଂଖ୍ୟାକୁ 1,00,000 ରେ ସୀମିତ ରଖାଗଲା । ତାକୁ ବାୟୁସେନା ଏବଂ ନୌ ସେନା ମଧ୍ୟରୁ ଯେ କୌଣସି ଗୋଟାକୁ ରଖିବାପାଇଁ ଅନୁମତି ଦିଆଯାଇଥିଲା ।

୬. ଜର୍ମାନୀ ଅଧିନରେ ଥିବା ଉପନିବେଶ ଗୁଡିକ ବିଜୟୀ ରାଷ୍ଟ୍ରମାନେ ବାଣ୍ଟି ନେଇଥିଲେ । ୟୁରୋପର ମାନଚିତ୍ର ଅଧ୍ୟୟନ କଲାପରେ ଜର୍ମାନୀ ହରାଇଥିବା ଅଞ୍ଚଳ ବିଷୟରେ ଆମେ ଅଧିକ ଜାଣିପାରିବା ।

ଜର୍ମାନୀକୁ ଆକ୍ରମଣର ଧମକ ଦେଇ ଉକ୍ତ ସନ୍ଧିରେ ସ୍ୱାକ୍ଷର କରିବା ପାଇଁ ବାଧ୍ୟ କରାଯାଇଥିଲା । ପ୍ରକୃତରେ ଉକ୍ତ ସମ୍ମିଳନୀରେ ଭାଗ ନେବାପାଇଁ କୌଣସି ଜର୍ମାନ ପ୍ରତିନିଧିକୁ ଆମନ୍ତ୍ରଣ କରାଯାଇନଥିଲା । ଏହି କାରଣରୁ ଜର୍ମାନ ମାନେ ଏହାକୁ ଏକ "ନିର୍ଦ୍ଦେଶିତ ଚୁକ୍ତି '' (Dictated Treat) ବୋଲି ବିବେଚନା କରୁଥିଲେ ।

| |
|---|
| ଏହି କାରଣରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ଭାର୍ସାଇଠାରେ ବୀଜ ବପନ କରାଯାଇଥିଲା । |

## ୨୪.୨ ୟୁରୋପର ପରିବର୍ତ୍ତିତ ମାନଚିତ୍ର : ଦୁଇ ଗୋଷ୍ଠି:

ୟୁରୋପର ଯୁଦ୍ଧ ପରବର୍ତ୍ତୀ ମାନଚିତ୍ର ଅଧ୍ୟୟନ କଲେ ଜଣାଯାଏ ଯେ ପାୟ ସମସ୍ତ ୟୁରୋପୀୟ ରାଷ୍ଟ୍ର ଯୁଦ୍ଧ ପରେ ପରେ ନିଜର ସୀମାରେଖା ପରିବର୍ତ୍ତନ କରି ବାହାରି ଆସିଥିଲେ । ଫ୍ରାନ୍ସ ଠାରୁ ୧୮୭୧ ରେ ଅଧିକାର କରିଥିବା ଆଲ୍‌ସେସ୍ ଏବଂ ଲରେନ୍ ଅଞ୍ଚଳକୁ ଜର୍ମାନୀ ଫେରାଇ ଦେଇଥିଲା ଉତ୍ତରରେ ଜର୍ମାନୀ କିଛି ଅଞ୍ଚଳ ବେଲଜିଅମ୍ ଏବଂ ଡେନ୍‌ମାର୍କକୁ ହସ୍ତାନ୍ତର କରିଥିଲା । ପୋଲାଣ୍ଡକୁ ଦେଇଥିବା ଅଞ୍ଚଳ ବିଷୟରେ ପୂର୍ବରୁ ଉଲ୍ଲେଖ ହୋଇଅଛି । ୟୁରୋପରେ ହୋଇଥିବା କ୍ଷତି ସହିତ ଜର୍ମାନୀ ଆଫ୍ରିକାରେ ଥିବା ନିଜର ଉପନିବେଶ ସହିତ ଚୀନରେ ପାଇଥିବା ବିଶେଷ ଅଧିକାର ରୁ ମଧ୍ୟ ବଞ୍ଚିତ ହୋଇଥିଲା ।ତେଣୁ ଯୁଦ୍ଧ ପରେ ଜର୍ମାନ ମାନେ ଅତ୍ୟଧିକ ଅସନ୍ତୁଷ୍ଟ ଅନୁଭବ କଲେ । ।

ଅଷ୍ଟ୍ରିଆ, ତୁର୍କୀ ଏବଂ ଆଫ୍ରିକାରେ ଥିବା ତାର ସାମ୍ରାଜ୍ୟବାଦୀ ଆକାଂକ୍ଷାକୁ ସାକାର କରିବା ପାଇଁ ମିତ୍ରରାଷ୍ଟ୍ର ମାନଙ୍କ ସହିତ ମିସି ଯୁଦ୍ଧରେ ଯୋଗଦାନ କରିଥିଲେ । କିନ୍ତୁ ଶାନ୍ତି ରାଜିନାମାରେ ଇଟାଲୀ ଯାହାକିଛି ପାଇଲା ତାହା ଅଷ୍ଟ୍ରିଆର ଏକ କ୍ଷୁଦ୍ର ଅଞ୍ଚଳରେ ସୀମିତ ରହିଥିଲା । ପ୍ରଥମ ବିଶ୍ୱଯୁଦ୍ଧରେ ସମସ୍ତ ମିତ୍ରଶକ୍ତିମାନଙ୍କର ମୃତାହତ ସଂଖ୍ୟାଠାରୁ ରୁଷିଆର ମୃତାହତଙ୍କ ସଂଖ୍ୟା ଥିଲା ଢେର ଅଧିକ । ଜର୍ମାନୀ ସହିତ ଏକ ସନ୍ଧି ସ୍ୱାକ୍ଷର କରି ମାର୍ଚ୍ଚ 1918 ମସିହାରେ ଯୁଦ୍ଧରୁ ଓହରି ଯାଇଥିଲା ରୁଷିଆ । ଏହି ରାଜିନାମା ଅନୁସାରେ ପୋଲାଣ୍ଡ,ଫିନ୍‌ଲାଣ୍ଡ ଏବଂ ଇଷ୍ଟୋନିଆଁ, ଲାଟ୍‌ଭିଆ ଓ ଲିଥୁନିଆଭଳି ବଲ୍ଟିକ୍ ରାଷ୍ଟ୍ର ସମୁହର ସ୍ୱାଧୀନତାକୁ ସ୍ୱୀକାର କରିଥିଲା ଏବଂ ଏଥି ସହିତ ଗୃହଯୁଦ୍ଧ, ସାମରିକ ହସ୍ତକ୍ଷେପ ତଥା ଆର୍ଥିକ ବିପର୍ଯ୍ୟସ୍ତ ଆଦି ସମସ୍ୟାମାନ ସାମିଲ ହୋଇଥିଲା

1815 ମସିହାରୁ ତିନି ରାଷ୍ଟ୍ର ଯଥା ଅଷ୍ଟ୍ରିଆ, ପ୍ରୁସିଆ ଏବଂ ରୁଷିଆଦ୍ୱାରା ଅଧିକୃତ ହୋଇ ମାନଚିତ୍ରରୁ ଉଭେଇ ଯାଇଥିବା ରାଷ୍ଟ୍ର ପୋଲାଣ୍ଡ ଏମାନଙ୍କର ପରାଜୟ ପରେ ପୁଣି ମୁଣ୍ଡ ଟେକି ଉଠିଥଲା । ତଥାପି ନୂତନ ପଡୋଶୀ ରାଷ୍ଟ୍ରମାନଙ୍କ ସହିତ ପୁରାତନ ଶତୃତାକୁ ଅତି ସହଜରେ ଭୁଲିଯାଇ ପାରିନଥିଲା ।

ଏକ ଅଲଗା ଚୁକ୍ତି ମାଧ୍ୟମରେ ଅଷ୍ଟ୍ରିଆ ତାର ସମସ୍ତ ସାମ୍ରାଜ୍ୟ ସମ୍ବନ୍ଧୀୟ ଗୌରବକୁ ହରାଇବା ସହିତ ତାକୁ ଏକ ଛୋଟ ରାଷ୍ଟ୍ରରେ ପରିଣତ କରାଯାଇଥିଲା । ସେ ନୂତନ ଭାବେ ଗଠିତ ହୋଇଥିବା ହଙ୍ଗେରୀ, ପୋଲାଣ୍ଡ, ଚେକୋସ୍ଲୋଭାକିଆ ଏବଂ ୟୁଗୋସ୍ଲୋଭିଆର ସ୍ୱାଧୀନତାକୁ ମାନ୍ୟତା ପ୍ରଦାନ କରିଥିଲା । ଏଠାରେ ତୁମର ମନେ ପଡିପାରେ ଯେ ଇଟାଲି ମଧ୍ୟ ଅଷ୍ଟିଆର ଏକ ଛୋଟ ଅଂଶ ଲାଭ କରିଥିଲା । ନୂତନ ଭାବେ ଗଠିତ ହୋଇଥିବା ଏହି ସବୁ ରାଷ୍ଟ୍ରମାନେ ସୀମା ବିବାଦ, ରାଜନୈତିକ ବିଦ୍ରୋହ ଏବଂ ଆର୍ଥିକ ଅନାଟନ



ମାନଚିତ୍ର ୨୪.୧ ପ୍ରଥମ ବିଶ୍ୱଯୁଦ୍ଧ ଫଳସ୍ୱରୂପ ପ୍ରାଦେଶିକ ପରିବର୍ତ୍ତନ

ଟିପ୍ପଣୀ



ମାନଚିତ୍ର ୨୪.୨ ୟୁରୋପର ପରିବର୍ତ୍ତିତ ମାନଚିତ୍ର: ୨ ଗୋଷ୍ଠୀ



ଟିପ୍ପଣୀ

ଭଳି ସମସ୍ୟାର ସମ୍ମୁଖୀନ ହୋଇ ଗତି କରୁଥିଲେ । ବ୍ରିଟେନକୁ ଅଧିଦେଶ (Madate State) ହିସାବରେ ପାଲେଷ୍ଟାଇନ୍ ଏବଂ ଇରାକ୍ ଦିଆଯାଇଥିଲା । ସେହିପରି ଫ୍ରାନ୍ସକୁ ସିରିଆ ଦିଆଗଲା । ଉକ୍ତ ଅଧିଦେଶ ଗୁଡିକ ଯେ ପର୍ଯ୍ୟନ୍ତ ନିଜକୁ ଶାସନ କରିବା ଶିଖିନଥିବେ ସେତେଦିନ ପର୍ଯ୍ୟନ୍ତ ସେମାନେ ଉକ୍ତ ଦେଶ ଅଧିନରେ ରହିବେ । କିନ୍ତୁ ଏହି ଅଧିଦେଶ ଗୁଡିକରେ ଔପନିବେଶିକ ଶାସନ ପ୍ରଚଳନ କରାଯାଇଥିଲା ।

ତୁର୍କୀ ସହିତ ସନ୍ଧିର ପରିଣାମ ସ୍ୱରୁପ ତୁର୍କୀ ସାମ୍ରାଜ୍ୟ ସମ୍ପୂର୍ଣ୍ଣରୁପେ ଧ୍ୱଂସ ହୋଇଯାଇଥିଲା । ତୁର୍କୀ, ଉତ୍ତର ଆଫ୍ରିକା, ଦକ୍ଷିଣ - ପଶ୍ଚିମ ଏସିଆ ଏବଂ ପ୍ରାୟ ୟୁରୋପରେ ଥିବା ତାର ସମସ୍ତ ଅଞ୍ଚଳକୁ ହରାଇଥିଲା । ଏଥି ମଧ୍ୟରୁ କିଛି ଅଞ୍ଚଳ ଅଧିଦେଶ ରୁପେ ବ୍ରିଟିଶ ଏବଂ ଫ୍ରାନ୍ସ ଅଧିନରେ ରହି ଶାସିତ ହେଉଥିଲା । ରୁଷିଆ ଏବଂ ଗ୍ରୀସ୍ ମଧ ଏଥିରୁ କିଛି ଅଞ୍ଚଳ ଲାଭ କରିଥିଲେ ।

ଏହି କାରଣରୁ ତୁର୍କୀ ଏକ ଛୋଟ ରାଷ୍ଟ୍ରରେ ପରିଣତ ହୋଇଯାଇ ଥିଲା । ମୁସ୍ତାଫା କାମାଲଙ୍କ ନେତୃତ୍ୱରେ ଉକ୍ତ ଚୁକ୍ତି ବିରୁଦ୍ଧରେ ବିଦ୍ରୋହ କରିଥିଲେ । 1923 ରେ ସୁଲତାନଙ୍କୁ ଗାଦିଚ୍ୟୁତ କରାଯାଇ ତୁର୍କୀରେ ଏକ ଗଣରାଜ୍ୟ ସ୍ଥାପନ କରାଯାଇଥିଲା । ମୁସ୍ତାଫା କାମାଲ ଏହାର ପ୍ରଥମ ରାଷ୍ଟ୍ରପତି ହୋଇଥିଲେ । ସେ ଦେଶକୁ ଆଧୁନୀକି କରଣ କରିବା ପାଇଁ ଏକ ପ୍ରକ୍ରିୟା ଆରମ୍ଭ କରିଥିଲେ । ତେଣୁ ଲୋକମାନେ ତାଙ୍କୁ "ଅତତୁର୍କ"ଅଥବା ତୁର୍କମାନଙ୍କର ପିତା ବୋଲି ଡାକୁଥିଲେ ।

ବିଭିନ୍ନ ୟୁରୋପୀୟ ଦେଶ ମାନଙ୍କରେ ଘଟିଥିବା ପରିବର୍ତ୍ତନ ବିଷୟରେ ତୁମ୍ଭେ ବର୍ତ୍ତମାନ ଅବଗତ ହେଲ । ଉକ୍ତ ପରିବର୍ତ୍ତନ ଗୁଡିକୁ ବିଝିବା ପରେ ଏହା ଅନୁମେୟ ଯେ ଉକ୍ତ ସନ୍ଧି ଗୁଡିକ ପାଇଁ ଅଧିକାଂଶ ରାଷ୍ଟ୍ରମାନେ ଅସନ୍ତୁଷ୍ଟ ହୋଇ ରହିଥିଲେ । ପୃଥିବୀର କଣ ଅନ୍ୟ ଏକ ବିଭାଜନ ଆବଶ୍ୟକ ? ଅନ୍ୟଏକ ଯୁଦ୍ଧ କଣ ଏହାର ସମାଧାନ ? ପରବର୍ତ୍ତି ଅଧ୍ୟାୟରେ ଉତ୍ତର ପାଇବା ପାଇଁ ତୁମକୁ ସାହାଯ୍ୟ କରିବ ।

## ପଠାନ୍ତ ପ୍ରଶ୍ନ ୨୪.୧

**A** - ନିମ୍ନଲିଖିତ ଗୁଡିକୁ ମେଳ କର ।

| | |
|---|---|
| 1. ଭାର୍ସାଇ ଚୁକ୍ତି | ବଲ୍‌ଟିକ ମହାସାଗରକୁ ମାର୍ଗ |
| 2. ରୁଷ ବିପ୍ଳବ | ପ୍ରତିଜ୍ଞାପତ୍ର |
| 3. ରାଷ୍ଟ୍ରସଂଘ | ଅଧିଦେଶାତ୍ମକ ଶାନ୍ତି । |
| 4. ଇରାକ୍ ଓ ପାଲେଷ୍ଟାଇନ୍ | ଅଧିଦେଶ । |
| 5 ପୋଲିସ୍ କରିଡର | ମିତ୍ରସଂଘର ହସ୍ତକ୍ଷେପ । |

**B.** ନିମ୍ନଲିଖିତ ବାକ୍ୟ ମାନଙ୍କୁ ପୂର୍ଣ୍ଣକର ।

1 ରାଷ୍ଟ୍ରସଂଘ ................. ପାଇଁ ଗଠନ କରାଯାଇଥିଲା ।

2 ଉଇଲସନ୍‌ଙ୍କ 14 ଦଫାରେ ଆଣିବାପାଇଁ କଥା ଦିଆଯାଇଥିଲା ।

3 ରୁଷ ............ ପରେ ଯୁଦ୍ଧରୁ ଓହରି ଯାଇଥିଲା ।

4. ଯୁଦ୍ଧପରେ ହୋଇଥିବା ବଲ୍‌ଟିକ୍ ରାଷ୍ଟ୍ରଗୁଡିକ ହେଲା...........................

5 ପୋଲାଣ୍ଡର ଗଠନ .............ଏବଂ ...........ର ପତନପରେ ହୋଇଥିଲା ।



ଟିପ୍ପଣୀ

## ୨୪.୨ ଏକ ଦଳୀୟ ଶାସନ ପ୍ରଣାଳୀର ଉଦୟ

ଯୁଦ୍ଧର ଠିକ୍ ପରବର୍ତ୍ତୀ ବର୍ଷ ଗୁଡିକ ପ୍ରାୟ ସମସ୍ତ ୟୁରୋପୀୟ ରାଷ୍ଟ୍ର ମାନଙ୍କ ପାଇଁ ସମସ୍ୟା ବହୁଳ ହୋଇ ପଡିଥିଲା । ଏହା ମଧ୍ୟରେ ଅର୍ଥବ୍ୟବସ୍ଥାର ପୁନଃ ଗଠନ, ଯୁଦ୍ଧରୁ ବର୍ତ୍ତିଯାଇଥିବା ଲୋକମାନଙ୍କର ପୁନଃ ଥଇଥାନ ଏବଂ ବର୍ଦ୍ଧିଷ୍ଣୁ ବେକାରି ସମସ୍ୟା ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା । ବହୁ ରାଷ୍ଟ୍ରରେ ଶ୍ରମିକ ଗୋଷ୍ଠୀ ସୋଭିଏତ ଚିନ୍ତାଧାରା ଉପରେ ପର୍ଯ୍ୟବେଶିତ ସମାଜବାଦୀ ବିଦ୍ରୋହର ଆୟୋଜନ ପାଇଁ ଚେଷ୍ଟା କରୁଥିଲେ କିନ୍ତୁ ସେଗୁଡିକୁ ନିର୍ଦ୍ଦୟ ଭାବେ ଦମନ କରାଯାଇଥିଲା । ସେ ସ୍ଥାନରେ ହଙ୍ଗେରୀ,ପୋଲାଣ୍ଡ, ଇଟାଲୀ, ପର୍ତ୍ତୁଗାଲ, ଜର୍ମାନୀ ଏବଂ ସ୍ପେନରେ ଶକ୍ତିଶାଳୀ ପ୍ରଜାତନ୍ତ୍ରବିରୋଧୀ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ତାହାକୁ ସାଧାରଣତଃ "ଫାସୀବାଦ" ବୋଲି କୁହାଯାଏ ।

### ଇଟାଲୀରେ ଫାସୀବାଦର ଆବିର୍ଭାବ:

ଫାସୀବାଦ ଶବ୍ଦର ଉତ୍ପତ୍ତିସ୍ଥଳ ହେଲା ଇଟାଲୀ ଏହା ପ୍ରଥମେ ବେନିଟ ମୁସୋଲିନ୍‌ଙ୍କ ଦ୍ୱାରା ଇଟାଲୀରେ ଆରମ୍ଭ ହୋଇଥିବା ଆନ୍ଦୋଳନ ନିମନ୍ତେ ପ୍ରୟୋଗ କରାଯାଇଥିଲା । ଫାସୀବାଦୀମାନେ ନିଜର ପ୍ରତୀକ ସ୍ୱରୁପ "କୁରାଢୀ" (Fasces) ଅଥବା 'ବିଡାଏ ଛଡ'(bundle of rods)କୁ ଗ୍ରହଣ କରିଥିଲେ । ଏହା ତାଙ୍କର ରାଷ୍ଟ୍ର ଶକ୍ତି କୁ ପ୍ରତିନିଧିତ୍ୱ କରୁଥିଲା । ଉକ୍ତ ଆନ୍ଦୋଳନର ମୁଖ୍ୟ ବିଶେଷତ୍ୱ ହେଲାପ୍ରଜାତନ୍ତ୍ର ଏବଂ ସମାଜ ବାଦକୁ ବିରୋଧ କରିବା, ଏକଛତ୍ର ଶାସନର ପ୍ରତିଷ୍ଠା ଏବଂ ଉଗ୍ରରାଷ୍ଟ୍ରବାଦ ଓ ସାମରିକ ବାଦର ସ୍ଥାପନା କରିବା ।

ମୁସୋଲିନି ପ୍ରଚୀନ ରୋମ ସାମ୍ରାଜ୍ୟର ଗୌରବମୟ ସମୟ ବିଷୟରେ ଆବେଗ ପୂର୍ଣ୍ଣଭାଷଣ ଦେଇ ଲୋକମାନଙ୍କୁ ଇଟାଲୀର ହୃତ- ଗୌରବର ପୁନଃ ସ୍ଥାପନ ପାଇଁ ଆହ୍ୱାନ ଦେଇଥିଲେ । ତାଙ୍କର ଭାଷଣରେ ପ୍ରଭାବିତ ହୋଇ ଅନେକ ପୁରାତନ ସୈନିକ ମାନେ ତାଙ୍କ ସୈନ୍ୟ ବାହିନୀରେ ଯୋଗଦାନ କରିଥିଲେ । ଏହା ଏକ ବ୍ୟକ୍ତିଗତ ସେନାଥିଲା । ଏହାକୁ "ବ୍ଲାକ ସାର୍ଟସ" କୁହାଯାଉଥିଲା । ମୁସୋଲିନ୍ ଏହି ଦଳକୁ ଆନ୍ଦୋଳନ ଦମନ ତଥା ସମାଜବାଦୀ ଏବଂ ସାମ୍ୟବାଦୀ ମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିବା ପାଇଁ ଉପଯୋଗ କରୁଥିଲେ । ଇଟାଲୀର ଶାସକ ଶ୍ରେଣୀ ମଧ୍ୟ ଏହାର ପ୍ରତିବାଦ କରୁ ନଥିଲେ କାରଣ ସେମାନେ ମଧ୍ୟ ଇଟାଲିରୁ ସମାଜବାଦୀ ବିଦ୍ରୋହକୁ ପ୍ରତିହତ କରିବା ପାଇଁ ଚାହୁଁଥିଲେ ।୧୯୨୧ ମସିହାରେ ମୁସୋଲିନୀ ରାଷ୍ଟ୍ରିୟ ଫାସୀଦଳ ସ୍ଥାପନ କରିଥିଲେ । ତା' ପରବର୍ଷ ଅକ୍ଟୋବର ମାସରେ ସେ ୩୦,୦୦୦ ବ୍ଲାକ୍ ସାର୍ଟସଙ୍କୁ ରୋମ ଅଭିମୁଖେ ପ୍ରେରଣ କରିଥିଲେ । ସରକାର ବିନା ଯୁଦ୍ଧରେ ଆତ୍ମସମର୍ପଣ କଲେ ଏବଂ ରାଜା ମୁସୋଲିନଙ୍କୁ ଏକ ନୂତନ ସରକାର ଗଠନ ପାଇଁ କହିଥିଲେ । ୧୯୨୮ ବେଳକୁ ମୁସୋଲିନୀ ସମସ୍ତ ସଂସଦୀୟ ବିରୋଧୀ ମାନଙ୍କୁ ବିନାସ କରି ଜଣେ ଏକଛତ୍ର ଶାସକ ହିସାବରେ ଶାସନ ଆରମ୍ଭ କରିଥିଲେ । ସମସ୍ତ ଅଣ ଫାସୀ ଦଳଗୁଡିକ ଉପରେ ପ୍ରତିବନ୍ଧ ଲଗାଇଥିଲେ । ସେ ସମାଜବାଦୀ ଏବଂ ସାମ୍ୟବାଦୀ ମାନଙ୍କୁ ଦମନ କରିବାପାଇଁ ନିର୍ଯ୍ୟାତନା ବନ୍ଦୀର ବ୍ୟବହାର କରିବା ସହିତ ସୁନିୟୋଜିତ ଢଙ୍ଗରେ ସେମାନଙ୍କୁ ହତ୍ୟା କରୁଥିଲେ । ସେ ଫାସୀ ମୁଖ୍ୟ ପରଷଦ ଗଠନ କରିଥିଲେ ଏବଂ ନେତୃତ୍ୱର ଦ୍ୱିତୀୟ ଡ୍ୟୁସ (Duce-II) ଉପାଧି ଗ୍ରହଣ କରିଥିଲେ । ସେ ଯୁଦ୍ଧ ଏବଂ ସାମ୍ରାଜ୍ୟ ବିସ୍ତାର ନୀତିକୁ ପ୍ରଚାର କରି ଇଟାଲିକୁ ଏକ ମହାଶକ୍ତିରେ ପରିଣତ କରିବାକୁ ପ୍ରୟାସ କରିଥିଲେ ।

**ହିଟଲର ଏବଂ ନାଜୀ ଜର୍ମାନୀ :**

ଜର୍ମାନୀର ଅପମାନ ଜନକ ପରାଜୟ ଏବଂ ତାର ରାଜତନ୍ତ୍ରର ପତନ ବିଷୟରେ ତୁମ୍ଭେମାନେ ପୂର୍ବରୁ ଜାଣିଅଛ । ୧୯୧୯ ମସିହାରେ ଏକ ନୂତନ ସମ୍ବିଧାନ ଅନୁସାରେ ଏକ ପ୍ରଜାତନ୍ତ୍ର ସରକାର ସ୍ଥାପିତ ହୋଇଥିଲା । ଏଥିରେ ଜଣେ ରାଷ୍ଟ୍ରପତି, ଜଣେ ଚାନସେଲର ଏବଂ ନିର୍ବାଚିତ ସଂସଦର ବ୍ୟବସ୍ଥାଥିଲା । ବିଶ୍ୱଯୁଦ୍ଧ ସମୟରେ ଏଡଲଫ ହିଟଲର ଜର୍ମାନୀର ଜଣେ ସେନା ହିସାବରେ ଚାରିବର୍ଷଧରି ବିରଦ୍ଧର ସହିତ ଯୁଦ୍ଧକରି ଏକ ଲୌହ କ୍ରସ (ଛକ) ଜିତିଥିଲେ । ଜର୍ମାନୀର ପରାଜୟରେ ନିରାସ ହୋଇସେ ରାଜନୀତିରେ ଯୋଗଦେବାପାଇଁ ମନସ୍ଥ କରିଥିଲେ । ୧୯୨୧ ମସିହାରେ ହିଟଲରଙ୍କ ଶକ୍ତିଶାଳୀ ଭାଷଣ ଏବଂ ତାଙ୍କର ସଂଗଠନାତ୍ମକ ଶୈଳୀ ତାଙ୍କୁ ନେସନାଲ ସୋସିଆଲିଷ୍ଟ ଜର୍ମାନ ଓ୍ୱାର୍କ୍‌ସ ପାର୍ଟିର ବା ସଂକ୍ଷେପରେ ନାଜୀ ପାର୍ଟିର ନେତୃତ୍ୱ ପ୍ରଦାନ କରିଥିଲେ । ଫାସିବାଦ ଭଳି ଏହାର ମଧ୍ୟ ଏକ ସେନା ବାହିନୀ ଥିଲା ଯାହାକୁ "ଷ୍ଟୋର୍ମଟ୍ରୁପାରର୍ସ" ବା ବ୍ରାଉନ୍ ସାର୍ଟସ କୁହାଯାଉଥିଲା । ୧୯୩୦ ବେଳକୁ ଏହାର ସଂଖ୍ୟା ଏକ ଲକ୍ଷରେ ପହଞ୍ଚିଥିଲା ।

ଫାସୀମାନେ ଇଟାଲୀର କ୍ଷମତାସୀନ ହେଲା ପରେ, କର୍ପୋରାଲ ଏଡଲ୍‌ଫ୍ ହିଟଲର ୧୯୩୨ରେ ଠିକ୍ ସେହିପରି ଜର୍ମାନୀରେ ପ୍ରଚେଷ୍ଟା କରିଥିଲେ । ଉକ୍ତ ଉଦ୍ୟମ ସଫଳ ନହେବାରୁ ସେ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ । ଜେଲରେ ଅବସ୍ଥାନ ସମୟରେ ହିଟଲର ତାଙ୍କର ପୁସ୍ତକ "ମେ କେମ୍ପ"(ମୋ ସଂଘର୍ଷ) ଲେଖିଥିଲେ । ଯେଉଁଥିରେ କି ସେ ଆଧୁନୀକ ସମୟରେ କୃରତା ପୂର୍ଣ୍ଣ ଏକଛତ୍ର ବାଦର ସୃଷ୍ଟି ପାଇଁ ନିଜର ଯୋଗଦାନକୁ ଉପସ୍ଥାପନା କରିଥିଲେ ।

ନାଜୀ କାର୍ଯ୍ୟ ଶୈଳୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାର୍ସାଇ ସନ୍ଧିର ଅପମାନକୁ ନିର୍ବାପିତ କରିବା ତଥା ଜର୍ମାନୀକୁ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବା ଏବଂ ସମଗ୍ର ବିଶ୍ୱକୁ ଭୟଭୀତ କରିବା ।

ନାଜୀମାନେ ଠିକ୍ ଫାଶୀବାଦୀ ମାନଙ୍କ ଭଳି ପ୍ରଜାତନ୍ତ୍ର ନାଗରିକ ଅଧିକାର ଏବଂ ସମାଜବାଦର ଘୋର ବିରୋଧୀ ଥିଲେ । ସେମାନେ ସମସ୍ତ ପ୍ରକାର ବିରୋଧକୁ ନିର୍ଦ୍ଦୟତାର ସହିତ ଦମନ କରୁଥିଲେ । ହିଟଲର ଜର୍ମାନୀର ପରାଜୟ ନିମନ୍ତେ ଜିଉ ବା ଇହୁଦୀ ମାନଙ୍କୁ ଦାୟୀ କରିଥିଲେ । ଏହି କାରଣରୁ ଇହୁଦୀ ମାନଙ୍କୁ ଧ୍ୱଂସ କରିବା ନାଜୀ ଦଳର ମୁଖ୍ୟ ବିଶେଷତ୍ୱ ହୋଇଥିଲା । ସେ ଜର୍ମାନ ଜାତିର ଶୁଦ୍ଧତା ଏବଂ ଶ୍ରେଷ୍ଠତା ଉପରେ ବିଶ୍ୱାସ କରୁଥିଲେ । ତେଣୁ ସେ ଜର୍ମାନ ମାନଙ୍କୁ ଶୁଦ୍ଧ ରକ୍ତ ବିଶିଷ୍ଟ ଆର୍ଯ୍ୟମାନଙ୍କର ବଂଶଧର ବୋଲି ଅଭିହିତ କରୁଥିଲେ । ଏହାଛଡା ସମସ୍ତ ଜର୍ମାନ ମାନଙ୍କୁ ନେଇ ଏକ ବୃହତ ଜର୍ମାନ ଗଠନ କରିବାପାଇଁ ସେ ଇଛାପ୍ରକାଶ କରିଥିଲେ । ଜନ ସାଧାରଣଙ୍କର ଏକ ବିଶାଳ ଅଂଶ ନାଜୀ ରାଜନୀତି ଦ୍ୱାରା ପ୍ରଭାବିତ ହୋଇଥିଲେ । ସେମାନେ ଜର୍ମାନୀର ରାଷ୍ଟ୍ରୀୟ ଗୌରବ ପାଇଁ ଆବେଦନ କରିଥିଲେ । ଏବଂ ତାହା ନାଜୀ ରାଜନୀତିକୁ ସମର୍ଥନ ପ୍ରଦାନ କରିଥିଲା ।

୧୯୩୬ ରେ ଅଲମ୍ପିକ ଖେଳ ବର୍ଲିନ ଠାରେ ଅନୁଷ୍ଠିତ ହୋଇଥିଲା । ହିଟଲର ଏହି ଖେଳରେ ନିଜ ସିଦ୍ଧାନ୍ତ "ଆର୍ଯ୍ୟ ବଂଶର ଶ୍ରେଷ୍ଠତା" କୁ ପ୍ରତିପାଦନ କରିବା ପାଇଁ ଇଛା ପ୍ରକାଶ କରିଥିଲେ । କିନ୍ତୁ ତାଙ୍କର ପ୍ରଚେଷ୍ଟା ସଫଳ ହୋଇନଥିଲା କାରଣ ଏହି ଖେଳରେ ଜେସ୍ସୀ ଓ୍ୱେନ୍ସ (Jesse Owens) ନାମକ ଜଣେ ଆଫ୍ରୋ-ଆମେରିକୀୟ ଧାବକ ସର୍ବାଧିକ ଲୋକପ୍ରିୟ ନାୟକ ହୋଇଥିଲେ ।

୧୯୩୦ ଦଶକରେ ଆର୍ଥିକ ବିକାଶ ହିଟଲାରଙ୍କୁ କ୍ଷମତା ହାସଲ କରିବା ପାଇଁ ସହଯୋଗ କରିଥିଲା । ଏକ ମହାନ ଆର୍ଥିକ ମାନ୍ଦାବସ୍ଥା ଆମେରିକା ତଥା ୟୁରୋପକୁ ଗଭୀର ଆଘାତ ପ୍ରଦାନ କାରିଥିଲା । ଏହାର

ପରିଣାମ ସ୍ୱରୁପ ପ୍ରାୟ ୮ ମିଲିୟନ ଜର୍ମାନ ଶ୍ରମିକ ବେକାର ହୋଇଯାଇଥିଲେ । ବର୍ତ୍ତମାନ ନାଜୀଦଳ ନିଜର ପ୍ରଭାବ ବିସ୍ତାର କରିବା ଆରମ୍ଭ କରିଥିଲେ । ସମାଜ ବାଦୀ ତଥା ସାମ୍ୟବଦୀ ମାନେ ନାଜୀ ଦଳ ବିରୁଦ୍ଧରେ ସଂଗଠିତ ହୋଇପାରି ନଥିଲେ । ଏହାର ଫଳ ସ୍ୱରୁପ ୧୯୨୮ ରେ ସଂସଦରେ ୧୨ ଟି ଆସନ ଦଖଲ କରିଥିବା ନାଜୀଦଳ ୧୯୩୨ ମସିହାରେ ସର୍ବାଧିକ ବହୁମତ ହାସଲ କରି ଏକକ ସଂଖ୍ୟା ଗରିଷ୍ଠ ଦଳଭାବରେ ପରିଗଣିତ ହୋଇଥଲା । ରାଷ୍ଟ୍ରପତି ହିଣ୍ଡେନ ବର୍ଗ ହିଟଲରଙ୍କୁ ଚାନସେଲର ଭାବରେ ନିଯୁକ୍ତି ଦେଇ ନୂତନ ସରକାର ଗଠନ କରିବା ପାଇଁ ଆମନ୍ତ୍ରଣ କରିଥିଲେ ।

କ୍ଷମତାକୁ ଆସିବାର କ୍ଷଣିକ ମଧ୍ୟରେ ହିଟଲର ଆତଙ୍କ ରାଜ ପ୍ରବର୍ତ୍ତିତ କରି ଦେଇଥିଲେ । ସମସ୍ତ ପ୍ରଜାତାନ୍ତ୍ରିକ ସିଦ୍ଧାନ୍ତ ଗୁଡ଼ିକୁ ରଦ୍ଦ କରିଥିଲେ । ଫେବୃୟାରୀ ୧୯୩୩ରେ ନାଜୀ ମାନେ ସଂସଦ ଗୃହରେ ଅଗ୍ନି ସଂଯୋଗ କରିଥିଲେ ଏବଂ ଏଥିପାଇଁ ସମାଜବାଦୀ ଏବଂ ସାମ୍ୟବାଦୀ ମାନଙ୍କୁ ଦୋଷାରୋପ କରିଥିଲେ । ୬୦,୦୦୦ ରୁ ଉର୍ଦ୍ଧ୍ୱ ଜନତାଙ୍କୁ ବନ୍ଦୀ କରିଥିଲେ ଅଥବା ନଜର ବନ୍ଦୀ ହିସାବରେ ରଖିଥିଲେ । ୧୯୩୩ ମଧ୍ୟଭାଗ ବେଳକୁ ନାଜୀ ଦଳ ବ୍ୟତିତ ଅନ୍ୟ ସମସ୍ତ ରାଜନୈତିକ ଦଳଗୁଡିକ ଉପରେ କଟକଣା ଜାରି କରାଯାଇଥିଲା । ୨ ଅଗଷ୍ଟ ୧୯୩୪ରେ ହିଣ୍ଡେନ ବର୍ଗଙ୍କ ମୃତ୍ୟୁପରେ ସେ ଜର୍ମାନୀର ରାଷ୍ଟ୍ରପତି ଭାବେ ଅବସ୍ଥାପିତ ହୋଇଥିଲେ । ଇହୁଦୀ ମାନଙ୍କୁ ସମ୍ପୂର୍ଣ୍ଣରୁପେ ବିନାସ କରିବାପାଇଁ ଏକ ସୁପରି କଳ୍ପିତ ଅଭିଯାନ ଚଳାଇଥିଲେ । ଏଥି ସହିତ ସୈନିକରଣର (Miltarisation) କାର୍ଯ୍ୟକ୍ରମ ର ଆରମ୍ଭ କରିଥିଲେ ।

ହିଟଲର ଏତେମାତ୍ରାରେ ନିଷ୍ଠୁର ଥିଲେ ଯେ ତାଙ୍କୁ କ୍ଷମତାସୀନ କରିବାପାଇଁ ସାହାର୍ଯ୍ୟ କରିଥିବା ଶହଶହ ଷ୍ଟୋର୍ମଟ୍ରୁପାରର୍ସ ମାନଙ୍କୁ ଗୋଟିଏ ରାତିରେ ମାରିବା ପାଇଁ ଆଦେଶ ଦେଇଥିଲେ । ୩୦ ଜୁନ ୧୯୩୪ ଦିନକୁ "ଲମ୍ବା ଛୁରୀର ରାତ୍ରୀ" (Night of Long Knives) ବୋଲି କୁହାଯାଏ ।

**ଜାପାନର ସାମରୀକ ଫାଶୀବାଦ :**

ଜାପାନ ଏସିଆର ଏପରି ଏକ ଦେଶ ଯେ କି ଉପନିବେଶବାଦରୁ ବର୍ତ୍ତି ଯାଇଥିଲା । ଉନ୍ନବିଂଶ ଶତାବ୍ଦୀର ଶେଷବେଳକୁ ଜାପାନର ସାମ୍ରାଜ୍ୟ ବିସ୍ତାର ନୀତି ତାକୁ ଚୀନ ସହିତ ଏକ ଯୁଦ୍ଧରେ ଲିପ୍ତ କରିଥିଲା । ଚୀନର ପରାଜୟ ପରେ ଜାପାନ ସେଠାରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ସକ୍ଷମ ହୋଇଥିଲା । ଜାପାନ ଯୁଦ୍ଧରେ ରୁଷକୁ ୧୯୦୫ରେ ପରାଜିତ କରି ରଷର ଅଧିକୃତ ଅଞ୍ଚଳ ମାଥୁରିଆ ଉପରେ ନିଜର କର୍ତ୍ତୃତ୍ୱ ବିସ୍ତାର କରିଥିଲା । ଏସିଆର ଏକ ରାଷ୍ଟ୍ର ୟୁରୋପର ଏକ ଶକ୍ତିଶାଳୀ ରାଷ୍ଟ୍ରକୁ ଯୁଦ୍ଧରେ ପରାଜିତ କରିବାରେ ଏହା ହେଉଛି ପ୍ରଥମ ଘଟଣା । ଏହା ପରେ ପରେ କୋରିଆକୁ ମଧ୍ୟ ଜାପାନ ଅଧିକାର କରିଥିଲା ।

ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ ଜାପାନକୁ ଚୀନରେ ଏବଂ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଥିବା ଜର୍ମାନ ଅଧିକୃତ ଅଂଚଳକୁ ଦଖଲ କରିବାପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା । ଯୁଦ୍ଧ ପରେ ପରେ ରାଷ୍ଟ୍ର ସଂଘ ଉକ୍ତ ଦ୍ୱୀପ ଗୁଡ଼ିକୁ ଅଧିଦେଶର ମର୍ଯ୍ୟାଦା ପ୍ରଦାନ କରିଥିଲା । ଏହି ସମୟ ବେଳକୁ ଜାପାନର ସୈନ୍ୟ ବିଶ୍ୱର ସର୍ବଶ୍ରେଷ୍ଠ ସେନାରେ ପରିଣତ ହୋଇଥିଲା । ଏହା ନିଜ ରାଷ୍ଟ୍ରର ପ୍ରଜାତନ୍ତ୍ରକୁ ସମାପ୍ତ କରିଦେଇଥିଲା ଏବଂ ଉଗ୍ର ଜାତୀୟତାବାଦ ଏବଂ ସାମ୍ରାଜ୍ୟବାଦକୁ ସମର୍ଥନ କରୁଥିଲା । କମ୍ ସମୟ ମଧ୍ୟରେ ଜାପାନ ଏକ ଆକ୍ରମଣକରୀ ସାମରୀକ ଶକ୍ତିରେ ପରିଣତ ହୋଇଥିଲା । ୧୯୩୦ ଦଶକରେ ସେ ପୃଥିବୀକୁ ପୁନଃର୍ବାର ଭାଗ କରିବା ପାଇଁ ଜର୍ମାନୀ ଏବଂ ଇଟାଲୀର ଫାସୀବାଦ ସରକାରଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲା ।

## ୨୪.୨ ପାଠଗତ ପ୍ରଶ୍ନ

(A) କେଉଁଟା ଠିକ୍ ଏବଂ ଭୁଲ ନିର୍ଣ୍ଣୟକର ?

୧. ୧୯୨୦ ଦଶନ୍ଧିରେ ସମାଜବାଦୀ ବିପ୍ଳବ ଅନେକ ରାଷ୍ଟ୍ରରେ ସଫଳ ହୋଇଥିଲା ।

..........................................................................................

୨. ଫାସୀବାଦ ଶବ୍ଦ ଗଣତାନ୍ତ୍ରୀକ ଆନ୍ଦୋଳନକୁ ବର୍ଣ୍ଣନା କରିବାପାଇଁ ବ୍ୟବହୃତ ହେଉଥିଲା ।

..........................................................................................

୩. ହିଟଲର ଆଧୁନିକ ଯୁଗରେ ସର୍ବାଧିକ ବର୍ବରତା ପୂର୍ଣ୍ଣ ଶାସନ ସ୍ଥାପନ କରିଥିଲେ ।

..........................................................................................

4. ୟୁରୋପୀୟ ସରକାର ମାନେ ସମାଜବାଦର ଉତ୍‌ଥାନ କୁ ସମର୍ଥନ କରୁଥିଲେ ।

..........................................................................................

୫. ଜାପାନ ଚୀନ ପ୍ରତି ଏକ ଶାନ୍ତିପୂର୍ଣ୍ଣ ନୀତି ଅବଲମ୍ବନ କରିଥିଲା ।

..........................................................................................

(B). ଶୂନ୍ୟସ୍ଥାନ ପୁରଣ କର ।

୧. ମୁସୋଲିନୀଙ୍କ ସୈନ୍ୟଦଳକୁ ............କୁହାଯାଏ ।

୨. ଜେଲରେଥିବା ସମୟରେ ହିଟଲର ...............ଲେଖିଥିଲେ ।

୩. ଫାସୀ ମାନଙ୍କପରି ନାଜୀମାନେ...........ଏବଂ.........କୁ ବିରୋଧ କରୁଥିଲେ ।

୪. ମୁସୋଲିନୀ..........କୁ .............କରି କ୍ଷମତାପ୍ରାପ୍ତ କରିଥିଲେ ।

୫. ଋଷକୁ ଯୁଦ୍ଧରେ ହରାଇ ଜାପାନ............ର ............ଅଧିକାର କରିଥିଲା ।

## ୨୪.୩. ମହାନ ଆର୍ଥିକ ଅବସାଦ ଓ ଏହାର ପ୍ରଭାବ

ପ୍ରଥମ ବିଶ୍ୱଯୁଦ୍ଧ ପରେ ଏହା ଏକ ମହତ୍ୱପୂର୍ଣ୍ଣ ପ୍ରଭାବ ଥିଲା ଯେ ୟୁରୋପର ଆଧିପତ୍ୟ କମିଯିବା ସଙ୍ଗେ ସଙ୍ଗେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ଯୁଦ୍ଧ ଦ୍ୱାରା ୟୁରୋପର ଆର୍ଥିକ ସ୍ଥିତି ଭାଙ୍ଗିପଡ଼ିଥିବା ବେଳେ ଆମେରିକାର ଅର୍ଥନୀତି ସୁଦୃଢ ହୋଇଥିଲା । ଆମେରିକା ଭୂମିରେ କୌଣସି ଯୁଦ୍ଧ ହୋଇନଥିଲା ଏବଂ ମିତ୍ର ପକ୍ଷକୁ ଯୁଦ୍ଧ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଉ ଥିବାରୁ ତାର ଔଦ୍ୟୋଗିକ ବିକାଶ ଜାରି ରହିଥିଲା । ଏଥିଅନ୍ତେ ଏକ ଦଶନ୍ଧି ପରେ ଦେଶରେ ଏକ ଗମ୍ଭୀର ଆର୍ଥିକ ସମସ୍ୟା ଦେଖା ଦେଇଥିଲା, ଯାହାକି ପରବର୍ତ୍ତି ସମୟରେ ୟୁରୋପର ଅବଶିଷ୍ଟାଂଶ ଅଞ୍ଚଳକୁ ବ୍ୟାପି ଯାଇଥିଲା ।

ତୁମେ ଜାଣିଛ ଯେ ଆମେରିକା ଉତ୍ପାଦନ ପାଇଁ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଅନୁସରଣ କରିଥିଲା ଯେଉଁଥିରେ ଲାଭର ଅଧିକାଂଶ ଶିଳ୍ପପତିମାନଙ୍କ ହାତକୁ ଯାଉଥିଲା । ଅନ୍ୟ ପକ୍ଷରେ ଅଧିକାଂଶ ଶ୍ରମିକ ମାନେ ଦାରିଦ୍ରତାର ସୀମାରେଖା ତଳେ ରହି ଜୀବନ ଯାପନ କରୁଥିଲେ । ସେଥିପାଇଁ ଉକ୍ତ ଉଦ୍ୟୋଗରେ ଦ୍ୱାରା ଉତ୍ପାଦିତ

ହେଉଥିବା ସାମଗ୍ରୀ ଗୁଡିକୁ କିଣିବା ପାଇଁ ବହୁତ ଅଧିକ ଲୋକଙ୍କ ପାଖରେ ସାମର୍ଥ୍ୟ ନ ଥିଲା । ତେଣୁ ଅତ୍ୟଧିକ ଉତ୍ପାଦନ ଏବଂ କ୍ରୟ ଶକ୍ତିର ବିତରଣରେ ଅନିୟମିତତା ଏହି ମହାନ୍ ଆର୍ଥିକ ଅବସାଦର ଦୁଇଟି ମୁଖ୍ୟ କରଣ ହୋଇ ଦଣ୍ଡାୟମାନ ହୋଇଥିଲା । ଏହା ଅକ୍ଟୋବର ୧୯୨୯ରେ ଆମେରିକାକୁ ଆଘାତ କରିବାପରେ ସାରା ପୃଥିବୀରେ ବ୍ୟାପି ଯାଇଥିଲା ।

ଅଂଶଧନର ମୂଲ୍ୟରେ ହ୍ରାସ ଘଟିବା ଫଳରେ ଉକ୍ତ ସଂକଟ ଦେଖାଦେଇଥିଲା ଏବଂ ଆମେରିକାର ଅଂଶଧନ ବଜାର ଭୁଷୁଡି ପଡିଥିଲା । ଗୋଟାଏ ଦିନରେ ନ୍ୟୁୟର୍କ ଅଂଶଧନ ବଜାରରେ ପ୍ରାୟ ୧୬ ନିୟୁତ ଅଂଶଧନକୁ ବିକ୍ରି କରାଯାଇଥିଲା ।

ପରବର୍ତ୍ତୀ ଚାରିବର୍ଷରେ ପ୍ରାୟ ୯୦୦୦ ବ୍ୟାଙ୍କ ବନ୍ଦ ହୋଇ ଯାଇଥିଲା । ଏବଂ ହଜାର ହଜାର ଲୋକ ନିଜ ନିଜର ସାରାଜୀବନ କାଳରେ ଗଚ୍ଛିତ ଅର୍ଥରାଶି ହରାଇଥିଲେ ।

ବହୁ ସାମଗ୍ରୀ ଗୁଡିକ ବିକ୍ରି ନହେବାରୁ ହଜାର ହଜାର କରଖାନା ଗୁଡିକ ବନ୍ଦ ହୋଇଗଲା ଯାହାଫଳରେ ବେରୋଜଗାରୀ, ଦରିଦ୍ରତା ତଥା ଅନାହାର ସମସ୍ୟା ଦେଖାଦେଇଥିଲା ।

ଆମେରିକୀୟ ଅର୍ଥନୀତି ବିଶେଷକରି ଆମେରିକାର ବ୍ୟାଙ୍କ ଉପରେ ନିର୍ଭର କରୁଥିବା ସୋଭିଏତ୍ ସଂଘ ବ୍ୟତିତ ଅଧିକାଂଶ ୟୁରୋପୀୟ ରାଷ୍ଟ୍ରମାନେ ଉକ୍ତ ଆର୍ଥିକ ଅବସାଦ ଭୋଗ କରୁଥିଲେ । ଉକ୍ତ ଦେଶମାନଙ୍କରେ ସେହି ଏକ ପ୍ରକାର ପ୍ରଭାବ ଦେଖିବାକୁ ମିଳିଥିଲା । ପୃଥିବୀରେ ବେକାରୀ ମାନଙ୍କର ସଂଖ୍ୟା ୫୦ ନିୟୁତରୁ ଅଧିକ ହୋଇଥିବା ସ୍ଥଳେ କେବଳ ଆମେରିକାରେ ଏହାର ସଂଖ୍ୟା ୧୫ ନିୟୁତ ରେ ପହଞ୍ଚି ଯାଇଥିଲା ।

ଆର୍ଥିକ ସଂକଟ ମଧ୍ୟ ଉକ୍ତ ଦେଶମାନଙ୍କରେ ରାଜନୈତିକ ଅବସ୍ଥାକୁ ପ୍ରଭାବିତ କରିଥିଲା । ଆମେରିକାରେ ଡେମୋକ୍ରେଟିକ୍ ଦଳ କ୍ଷମତାକୁ ଆସିଲା ଏବଂ ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍ଟ ରାଷ୍ଟ୍ରପତି ପଦ ଗ୍ରହଣ କରିଥିଲେ । ସେ ଆର୍ଥିକ ସଂସ୍କାର ଏବଂ ସାମାଜିକ କଲ୍ୟାଣ ପାଇଁ ଏକ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ । ଏହାକୁ ନିଉ ଡିଲ (New deal) କୁହାଯାଏ । ଇଂଲଣ୍ଡ ଏବଂ ଫ୍ରାନ୍ସରେ ଶ୍ରମିକ ସହଯୋଗୀ ସରକାର (Labour friendly Govtrnment) କ୍ଷମତା ହାସଲ କରିଥିଲେ । ଇଂଲଣ୍ଡ ଏବଂ ଫ୍ରାନ୍ସରେ ଫାସୀବାଦୀ ଆନ୍ଦୋଳନର ଆରମ୍ଭ ହୋଇଥିଲେ ମଧ୍ୟ ସେମାନେ ସଫଳ ହୋଇପାରି ନଥିଲେ । ପୂର୍ବରୁ ତମେ ପଢି ଅଛ ଯେ ଯୁଦ୍ଧ ପରବର୍ତ୍ତୀ ଅସନ୍ତୁଷ୍ଟ ଏବଂ ଆର୍ଥିକ ଅବସାଦ ଜର୍ମାନୀ ଏବଂ ଇଟାଲୀରେ ଫାସୀବାଦକୁ ବିଜୟୀ / କ୍ଷମତାସୀନ କରିଥିଲା ।

୧୯୩୦ ଦଶକରେ ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସର ବୈଦେଶିକ ନୀତି ପ୍ରାୟ ଏକ ପ୍ରକାର ଥିଲା । ସେମାନେ ଫାସୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନିଷ୍ଠାନ ଗ୍ରହଣ କରିନଥିଲେ । କାରଣ ସମାଦବାଦୀ ଚିନ୍ତା ଧାରାର ପ୍ରସାର ଏବଂ ଶ୍ରମିକ ଆନ୍ଦୋଳନକୁ ପ୍ରତିରୋଧ କରିବା ଥିଲା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ଏଥିପାଇଁ ଯେତେବେଳେ ଫାସୀ ମାନଙ୍କର ଆକ୍ରମଣ ଆରମ୍ଭ ହୋଇଥିଲା ସେମାନେ ଏହାକୁ ପ୍ରତିରୋଧ କରିବାପାଇଁ କୌଣସି ପଦକ୍ଷେପ ନେଇନଥିଲେ । ପରନ୍ତୁ ସେମାନେ ଏହି ଆଶାରେ ଫାସୀବାଦୀ ମାନଙ୍କୁ ସନ୍ତୁଷ୍ଟ କଲେ ଯେ, ସେମାନେ ସାମ୍ୟବାଦକୁ ସମାପ୍ତ କରିଦେବେ ।

### ୟୁ.ଏସ୍.ଏସ୍.ଆରର ବିକାଶ

ପ୍ରଥମ ବିଶ୍ୱଯୁଦ୍ଧରେ ରୁଷର ଯୋଗଦାନ ତଥା ରୁଷ ବିପ୍ଳବ ବିଷୟରେ ଆମ୍ଭେ ପୂର୍ବରୁ ଆଲୋଚନା କରି ସାରିଅଛୁଁ । ଏହାର ଠିକ୍ ପରେ ପରେ ଏକ ଗୃହ ଯୁଦ୍ଧ ଏବଂ ମିତ୍ର ରାଷ୍ଟ୍ରମାନଙ୍କ ଦ୍ୱାରା ସାମରିକ ହସ୍ତକ୍ଷେପ କରାଯାଇଥିଲା । ଏସବୁର ପରିଣାମ ସ୍ୱରୂପ ରୁଷର ଅର୍ଥବ୍ୟବସ୍ଥା ଭାଙ୍ଗି ପଡିଥିଲା । ସେଠାରେ ଘୋର

ଖାଦ୍ୟାଭାବ ଦେଖାଯିବା ସହିତ ଔଦ୍ୟୋଗିକ ଉତ୍ପାଦନ ବହୁ ପରିମାଣରେ ହ୍ରାସ ପାଇଥିଲା । ଏହା ପରବର୍ତ୍ତୀ ଦୁର୍ଭିକ୍ଷ ସ୍ଥିତିର ଗଭୀର ଅବନତି ଆଣିଥିଲା ।

ଲେନିନ୍ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ବାଧ୍ୟ ହୋଇଥିଲେ । ସୋଭିଏତ୍ ସରକାର ଧନୀ ଚାଷୀ (କୁଲକ୍ସ)ମାନଙ୍କ ଠାରୁ ବଳପୂର୍ବକ ବଳକା ଖାଦ୍ୟଶସ୍ୟ ହସ୍ତଗତ କରିଥଲେ ଏବଂ ଅବଶିଷ୍ଟ ଜନ- ସାଧାରଣଙ୍କୁ ଖୁଆଇ ଥିଲେ । ବଜାର ମାନଙ୍କରେ କୌଣସି ଜିନିଷର କିଣାବିକା ହୋଇ ପାରି ନଥିଲା । ଶ୍ରମିକ ମାନଙ୍କୁ ମଜୁରୀ ହିସାବରେ ଉଦ୍ୟୋଗରେ ଉତ୍ପାଦିତ ଦ୍ରବ୍ୟ ଗୁଡିକୁ ଦିଆଯାଇଥିଲା । ଲୋକମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ବିନା ଉଦ୍ଦେଶ୍ୟରେ ଜନ ସାଧାରଣଙ୍କ ପାଇଁ କାର୍ଯ୍ୟକରିବାକୁ ମଧ୍ୟ ବାଧ୍ୟ କରାଯାଇଥିଲା ।୧୯୧୮ରୁ ୧୯୨୧ ପର୍ଯ୍ୟନ୍ତ ଚାଲିଥିବା ଉକ୍ତ ସମସ୍ୟା ବହୁଳ ସ୍ଥିତିକୁ "ଯୁଦ୍ଧ ସାମ୍ୟବାଦ ବା "ସାମ୍ୟବାଦ ସଂଗ୍ରାମ" (War Communism) କୁହାଯାଏ ।

କୃଷକ ଏବଂତାଙ୍କ ଦଳର କିଛି ଉଚ୍ଚପଦସ୍ଥ ସଦସ୍ୟମାନେ ଉକ୍ତ ବ୍ୟବସ୍ଥାକୁ ଭୟଙ୍କର ସମାଲୋଚନା କରିବା ଫଳରେ ଲେନିନ୍ ୧୯୨୧ରେ ଏହାର ପ୍ରତି ବଦଳରେ ନୂତନ ଆର୍ଥିକ ନୀତି (New Economic Policy) ଚଳାଇଥିଲେ । ସାମ୍ୟବାଦ ସଂଗ୍ରାମ (War Communism)ର କଠୋର ପଦକ୍ଷେପ ଗୁଡିକୁ ପ୍ରତ୍ୟାହାର କରିଦେଇ ଥିଲେ । ବର୍ତ୍ତମାନ କୃଷକ ମାନେ ତାଙ୍କ ଉତ୍ପାଦନର ଏକ ଦଶମାଂସ ଟିକସ ଆକାରରେ ଦେଇ ଅବଶିଷ୍ଟ ଅଶଂକୁ ମୁକ୍ତ ବଜାର ମାନଙ୍କରେ ବିକ୍ରି କରିବାର ଅଧିକାର ପାଇଲେ । ଅଧିକାଂଶ ଉଦ୍ୟୋଗ ଗୁଡିକ ସରକାରଙ୍କ ନିୟନ୍ତ୍ରଣରେ ରହିଥିଲେ ମଧ୍ୟ କ୍ଷୁଦ୍ର ଉଦ୍ୟୋଗ ଗୁଡିକୁ ତାହାର ଘରୋଇ ମାଲିକ ମାନଙ୍କୁ ଫେରାଇ ଦିଆଯାଇଥିଲା । ଶ୍ରମିକ ମାନଙ୍କୁ ମଜୁରୀ ନଗଦ ମୁଦ୍ରାଆକାରରେ ପୁନଃପ୍ରଦାନ କରିବାପାଇଁ ବ୍ୟବସ୍ଥା କରାଗଲା ।

୧୯୨୪ ମସିହାରେ ଏକ ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେଲା ଏହାଦ୍ୱାରା ରୁଷିଆ ଏକ ସୋଭିଏତ୍ ସମାଜବାଦୀ ରାଷ୍ଟ୍ର ସଂଘରେ ରୁପାନ୍ତରିତ ହୋଇଥିଲା । ୧୯୨୪ରେ ଲେନିନ୍‌ଙ୍କ ମୃତ୍ୟୁପରେ ଦଳ ମଧ୍ୟରେ ନେତୃତ୍ୱ ପାଇଁ ଘୋର ସଂଘର୍ଷ ଉପୁଜିଥିଲା । କିପ୍ରକାରର ନୀତି ଗୁଡିକୁ ପ୍ରଚଳନ କରାଯିବ ସେ ନେଇ ବରିଷ୍ଠ ନେତା ମାନଙ୍କ ମଧ୍ୟରେ ଘୋର ମତ ପାର୍ଥକ୍ୟ ଦେଖାଦେଇଥିଲା । ପରିଶେଷରେ ଷ୍ଟାଲିନ୍‌ଙ୍କ ବିଜୟ ହୋଇଥିଲା ଏବଂ ସେ ସାମ୍ୟବାଦୀ ପାର୍ଟିର ମହାସଚିବ ହୋଇଥିଲେ ଏବଂ ବିଶାଳ ଶକ୍ତିର ଅଧିକାରୀ ହେଲେ ।

ଅଳ୍ପ କିଛି ବର୍ଷ ମଧ୍ୟରେ ୟୁ.ଏସ୍. ଏସ୍.ଆର ପାଞ୍ଚବର୍ଷିଆ ଯୋଜନାର ପର୍ଯ୍ୟାୟ ମାଧ୍ୟମରେ ଏକ ଶକ୍ତିଶାଳୀ ଔଦ୍ୟୋଗିକରଣ କାର୍ଯ୍ୟମର ଆରମ୍ଭ କରିଥିଲା । ପ୍ରଥମ ଯୋଜନାଟି ୧୯୨୯ରେ ଆରମ୍ଭ ହୋଇଥିଲା । କୃଷି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଉକ୍ତ ଯୋଜନାର ଲକ୍ଷ୍ୟ ଗୁଡିକ ମଧ୍ୟରୁ ଏକ ଥିଲା । ବିପ୍ଳବ ପରେ ପରେ ଚାଷପୋଯୋଗୀ ଜମିକୁ କୃଷକ ମାନଙ୍କ ମଧ୍ୟରେ ପୁନଃ ବିତରଣ କରିବାଦ୍ୱାରା ଜମି ଲକ୍ଷ ଲକ୍ଷ କ୍ଷୁଦ୍ର ଏବଂ କମ୍ ଉତ୍ପାଦନ କ୍ଷମ କ୍ଷେତ୍ରରେ ପରିଣତ ହୋଇଥିଲା । ଉତ୍ପାଦନ ବୃଦ୍ଧି ନିମନ୍ତେ ସରକାର ଛୋଟ ଛୋଟ କ୍ଷେତ ଗୁଡିକୁ ସାମୁହିକୀ କରଣ କରିବାପାଇଁ ଉତ୍ସାହିତ କରିଥିଲେ । କୃଷକ ମାନଙ୍କୁ ଉଭୟ ପ୍ରୋତ୍ସାହିତ କରିବା ସହିତ ନିଜ ଜମି ଉପରେ ଥିବା ମାଲିକାନା ସତ୍ୱକୁ ପରିହାର କରିବା ପାଇଁ ବାଧ୍ୟ କରାଯାଇଥିଲା । କ୍ଷେତ ଗୁଡିକୁ ଏକତ୍ରୀତ କରିବା ସହିତ ଜମି ମାଲିକ ମାନଙ୍କୁ ଉକ୍ତ ଏକତ୍ରୀତ କ୍ଷେତର ସଦସ୍ୟ ତଥା ସଂଯୁକ୍ତ ମାଲିକାନା ଅଧିକାର ପ୍ରଦାନ କରାଯାଇଥିଲା । ଉକ୍ତ ସାମୁହିକ କାରଣକୁ ବିରୋଧ କରୁଥିବା କୁଲକ୍ସ (Kulaks) ମାନଙ୍କୁ ଦୃଢ ହସ୍ତରେ ଦମନ କରାଯାଇଥିଲା । ଅନୁମାନ କରାଯାଏ ଯେ

ଏହି ସମୟରେ ହଜାର ହଜାର ସଂଖ୍ୟାରେ ସେମାନେ ମୃତ୍ୟୁ ବରଣ କରିଥିଲେ । ମୁଖ୍ୟ ପ୍ରଚେଷ୍ଟା ଔଦ୍ୟୋଗିକୀକରଣ ଆଡକୁ ଥିଲା ।

ଉକ୍ତ ଯୋଜନାର ଏ ଦିଗରେ ସଫଳ ଅତ୍ୟଧିକ ଥିଲା ଏବଂ ସୋଭିଏତ୍ ଋଷ ବିଶ୍ୱର ଏକ ପ୍ରମୁଖ ଔଦ୍ୟୋଗିକ ଶକ୍ତି ଭାବରେ ଆବିର୍ଭାବ ହୋଇଥିଲା । ଏହା ଲକ୍ଷ କରିବା ମହତ୍ୱପୂର୍ଣ୍ଣ ଯେ ଏହି ସମୟରେ ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା ଅତ୍ୟଧିକ ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିଲା । ସୋଭିଏତ୍ ସଂଘ ଏକ ସଫଳ ସମାଜବାଦୀ ଅର୍ଥବ୍ୟବସ୍ଥାର ଉଦାହରଣ ହୋଇଥିଲା ଏବଂ ଉକ୍ତ ବ୍ୟବସ୍ଥାକୁ ବହୁ ଉପନିବେଶ ଗୁଡିକ ସ୍ୱାଧୀନତା ପ୍ରାପ୍ତିପରେ ଅନୁସରଣ କରିଥିଲେ । ଆମେରିକା ସହିତ ଅଧିକାଂଶ ୟୁରୋପୀୟ ରାଷ୍ଟ୍ରମାନେ ୧୯୩୩ ପର୍ଯ୍ୟନ୍ତ ସୋଭିଏତ୍ ସଂଘକୁ ସ୍ୱୀକୃତି ପ୍ରଦାନ କରିନଥିଲେ । ସେ ୧୯୩୪ ମସିହାରେ ହିଁ ରାଷ୍ଟ୍ରସଂଘର ସଦସ୍ୟ ହୋଇଥିଲା । ଏହା ପରେ ମଧ୍ୟ ସୋଭିଏତ୍ ସଂଘ ସହିତ ଶତ୍ରୁତା ଲାଗି ରହିଥିଲା । ୧୯୩୦ ଦଶକରେ ଯେତେମେଳେ ଫାସୀ ମାନଙ୍କର ଆକ୍ରମଣ ଆରମ୍ଭ ହୋଇଥିଲା ସେତେବେଳେ ସୋଭିଏତ ସଂଘ ହିଁ ଏକମାତ୍ର ବୃହତ ଶକ୍ତିଥିଲା ଯେ କି ସକ୍ରିୟ ଭାବରେ ଏହାକୁ ବିରୋଧ କରୁଥିଲା ।

## ୨୪.୩ ପାଠ ଗତ ପ୍ରଶ୍ନ

(A) ନିମ୍ନଲିଖିତ ଯୋଡି ତିଆରି କର ।

| | |
|---|---|
| ୧. ନିଉ ଡିଲ | ୟୁଏସ୍ ଏସ୍ ଆର |
| ୨. ଧନୀ କୃଷକ | ସହକାରୀ କ୍ଷେତ |
| ୩. ନୂଆ ଆର୍ଥିକ ନୀତି | ୟୁଏସ୍ଏ |
| ୪. ସାମୁହିକୀକରଣ | କୁଲକ୍ସ |
| ୫. ଅତ୍ୟଧିକ ଉତ୍ପାଦନ | କଠୋର ଆର୍ଥିକ ଅବସାଦ । |

**(B) ଠିକ୍ ଏବଂ ଭୁଲ୍ ଦର୍ଶାଅ ।**

୧. ଅଧିକାଂଶ ୟୁରୋପୀୟ ରାଷ୍ଟ୍ରମାନେ ଆମେରିକାର ଅର୍ଥ ବ୍ୟବସ୍ଥା ଉପରେ ନିର୍ଭର କରନ୍ତି ।

୨. ପୁଞ୍ଜିବାଦୀ ବ୍ୟବସ୍ଥାରେ ଶ୍ରମିକ ମାନଙ୍କୁ କମ୍ ମଜୁରୀ ଦିଆଯାଇଥାଏ ।

୩. ଲୋକମାନେ ଲେନିନ୍‌ଙ୍କ ଯୁଦ୍ଧ ସାମ୍ୟବାଦ ନୀତିରେ ଖୁସି ହୋଇଥିଲେ ।

୪. ଦୃତ ଔଦ୍ୟୋଗୀ କରଣ ପାଇଁ ରୁଷ ପଞ୍ଚବର୍ଷୀୟ ଯୋଜନାର ପ୍ରାରମ୍ଭ କରିଥିଲା ।

୫. ସ୍ୱାଧୀନ ହେବାପରେ ଅଧିକାଂଶ ଉପନିବେଶ ମାନେ ଋଷର ସାମ୍ୟବାଦୀ ଅର୍ଥବ୍ୟବସ୍ଥାର ଉଦାହରଣକୁ ଗ୍ରହଣ କରିଥିଲେ ।

## ୨୪.୪ ଆକ୍ରମଣ ଏବଂ ତୁଷ୍ଟି କରଣ

୧୯୩୦ ଦଶନ୍ଧି ଇଟାଲୀ, ଜର୍ମାନୀ ଏବଂ ଜାପାନ ଦ୍ୱାରା କରାଯାଇଥିବା ଆକ୍ରମଣର ମୁକ ସାକ୍ଷୀ ଅଟେ । ଉକ୍ତ ବିଭାଗରେ ଆମ୍ଭେ ଦେଖିବାକୁ ପାଇବୁ ଯେ ଅଧିକାଂଶ ପାଶ୍ଚାତ ଦେଶମାନେ ଉକ୍ତ ଘଟଣା ଗୁଡିକପ୍ରତି କେବଳ ମାତ୍ର ନିରବ ଦ୍ରଷ୍ଟା ହୋଇ ରହି ନ ଥିଲେ ବରଂ କେତକଙ୍କୁ ସାହାର୍ଯ୍ୟ ପ୍ରଦାନ କରିଥିଲେ ଯାହା ଫଳରେ ଫାସୀବାଦୀ ମାନଙ୍କୁ ଯୁଦ୍ଧର ସ୍ଥିତି ପ୍ରସ୍ତୁତ କରିବା ପାଇଁ ସହାୟକ ହୋଇଥିଲା ।



ଟିପ୍ପଣୀ

ତୃଷ୍ଟି କରଣ ଦୁର୍ବଳ ରାଷ୍ଟ୍ରମାନଙ୍କର ପ୍ରତି ବଦଳରେ ଏକ ଆକ୍ରମଣକରୀକୁ ଅନୁଗ୍ରହ ପ୍ରଦାନ କରିବା ।

**ଜାପାନର ମାଞ୍ଚୁରିଆ ଆକ୍ରମଣ:-**

ଆକ୍ରମଣର ସର୍ବପ୍ରଥମ ମୁଖ୍ୟ ଘଟଣା ହେଲା୧୯୩୧ ରେ ଜାପାନ ଦ୍ୱାରା ମାଞ୍ଚୁରିଆ ଉପରେ ଆକ୍ରମଣ । ଜାପାନର ରେଳ ଲାଇନରେ ହୋଇଥିବା ଏକ ବିସ୍ଫୋରଣକୁ ଏକ ବାହାନା କରି ଜାପାନର ସାମରିକ ଅଫିସରମାନେ ମାଞ୍ଚୁରିଆ ଅଧିକାର କରିଥିଲେ । ଚୀନ ରାଷ୍ଟ୍ରସଂଘକୁ ଅପିଲ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆ ଯାଇନଥିଲା । ଜାପାନ ରାଷ୍ଟ୍ରସଂଘରୁ ଓହରି ଆସି ପୁନଃର୍ବାର ୧୯୩୭ ମସିହାରେ ଚୀନ ଉପରେ ଆକ୍ରମଣ କରିଥିଲା ।

**ଇଟାଲୀର ଇଥିଓପିୟା ଅଧିକାର**

୧୯୩୫ ରେ ଇଟାଲୀ ଇଥିଓପିଆ ଆକ୍ରମଣ କରିବାରୁ ରାଷ୍ଟ୍ର ସଂଘକୁ ଅପିଲ କରାଯାଇଥିଲା । ରାଷ୍ଟ୍ରସଂଘ ଇଟାଲୀକୁ ଆକ୍ରମଣ କାରୀ ଆଖ୍ୟା ଦେଇ ନିନ୍ଦା କରିଥିଲା ଏବଂ ଇଟାଲୀକୁ ଅସ୍ତ୍ରଶସ୍ତ୍ର ବିକ୍ରି ଉପରେ କଟକଣା ଜାରୀ କରିଥିଲା । କିନ୍ତୁ ୧୯୩୬ ବେଳକୁ ଇଟାଲୀ ଇଥିଓପିୟା ଅଧିକାରକୁ ପରିସମାପ୍ତି କରିଥିଲା । ଉକ୍ତ ଘଟଣାରେ ରାଷ୍ଟ୍ରସଂଘ ପୁଣି ଥରେ ଆକ୍ରମଣକୁ ପ୍ରତିହତ କରିବାରେ ବିଫଳ ହୋଇଥିଲା ।

**ନାଜୀ ଜର୍ମାନୀର ରାଜ୍ୟ ବିସ୍ତାର**

ହିଟଲର କ୍ଷମତାସୀନ ହେବା ବିଷୟରେ ଅଧ୍ୟୟନ ଦ୍ୱାରା ଆମେ ଜାଣିଲୁ ଯେ ଜର୍ମାନୀର ଚାନ୍‌ସେଲର ତଥା ରାଷ୍ଟ୍ରପତି ହୋଇଥିଲେ ତାପରେ ସେ ଭାର୍ସାଇ ସନ୍ଧିକୁ ଉଲଂଘନ କରି ଜର୍ମାନୀରେ ପୁନଃ ସାମରୀକ କରଣ ପ୍ରକ୍ରୀୟା ଆରମ୍ଭ କରିଥିଲେ । ଜର୍ମାନୀ ସେନାମାନେ ରାଇନ୍‌ଲେଣ୍ଡ ଅଞ୍ଚଳରେ ପ୍ରବେଶ କରିବା ଆରମ୍ଭ କରିଥିଲେ ଯାହାକୁ ଉକ୍ତ ଚୁକ୍ତି ଦ୍ୱାରା ବେସାମରିକୀ କରଣ (Demiliterize)କରାଯାଇଥିଲା । ଏହା ସହିତ ଉକ୍ତ ଚୁକ୍ତି ଅନୁସାରେ ସୈନ୍ୟ ସଂଖ୍ୟା ୧,୦୦,୦୦୦ ପରିବର୍ତ୍ତ ୮,୦୦,୦୦୦ରେ ପହଞ୍ଚିଥିଲା । ବ୍ରିଟେନ ଏବଂ ଫ୍ରାନ୍ସ କୌଣସି ପ୍ରତିରୋଧ ନକରିବାରୁ ବାୟୁସେନା ଏବଂ ନୌସେନା ବୃଦ୍ଧି କରିବା ପାଇଁ ହିଟଲରଙ୍କ ଆତ୍ମବିଶ୍ୱାସ ବଢିଯାଇଥିଲା । ସାରା ଉପତ୍ୟକା ମଧ୍ୟ ଜର୍ମାନୀ ସହିତ ମିଶି ଯାଇଥିଲା । ୧୯୩୬ ମସିହାରେ ହିଟଲର ଏବଂ ମୁସୋଲିନୀଙ୍କ ମଧ୍ୟରେ ରୋମ-ବର୍ଲିନ୍ ସନ୍ଧି ସ୍ୱାକ୍ଷରିତ ହୋଇଥିଲା ଏବଂ ୧୯୩୭ରେ ସେମାନେ ଜାପାନ ସହିତ କୋମିଟାର୍ଣ୍ଣ (Comintern) ବିରୋଧୀ ସନ୍ଧିରେ ହସ୍ତାକ୍ଷର କରିଥିଲେ ।

ହିଟଲରଙ୍କ ପରବର୍ତ୍ତୀ ଯୋଜନାଥିଲା ଅଷ୍ଟ୍ରିଆକୁ ଅଧିକାର କରିବା । ଜର୍ମାନୀ ଏବଂ ଅଷ୍ଟ୍ରିଆର ମିଶ୍ରଣ ଅଥବା ଏନଷ୍ଟୁଲସ୍ (Anschluss)୧୯୩୮ରେ ସମାପ୍ତ ହୋଇଥିଲା । ସେହିବର୍ଷ ମ୍ୟୁନିଚ ସମ୍ମିଳନୀରେ ବ୍ରିଟେନ ଏବଂ ଫ୍ରାନ୍ସ ମ୍ୟୁନିଚ୍ ଚୁକ୍ତିରେ ସ୍ୱାକ୍ଷର କରିଥିଲେ । ଏହିଚୁକ୍ତି ଅନୁସାରେ ସେମାନେ ଚେକୋସ୍ଲୋଭାକିଆରେ ଥିବା ସୁଦେତାନ୍‌ଲେଣ୍ଡ (Sudetenland)କୁ ଜର୍ମାନ ଅଧିକାର କରିଥିବା ବିଷୟକୁ ସ୍ୱୀକାର କରିଥିଲେ । ଉକ୍ତ କଥାବାର୍ତ୍ତାରେ ଚେକର ଲୋକଙ୍କର ଉକ୍ତ ଅଞ୍ଚଳରେ ଜର୍ମାନ ଲୋକସଂଖ୍ୟା ଅଧିକ ଥିବା ସହିତ ତାହା କୋଇଲା, ରସାୟନ ଦ୍ରବ୍ୟ, ତଥା ଲୁହା ଏବଂ ଇସ୍ପାତ ଉଦ୍ୟୋଗର କେନ୍ଦ୍ର-ବିନ୍ଦୁ ଥିଲା । କିଛି ମାସ ପରେ ଜର୍ମାନୀ ସମଗ୍ର ଚେକୋସ୍ଲୋଭାକିଆକୁ ଦଖଲ କରିଥିଲା । ମ୍ୟୁନିଚ୍ ଚୁକ୍ତି ପାଶ୍ଚାତ ଦେଶମାନଙ୍କର ତୁଷ୍ଟିକରଣର ଅନ୍ତିମ ପର୍ଯ୍ୟାୟ ଥିଲା ।

୫ ଅକ୍ଟୋବର ୧୯୩୮ର ନେସନାଲ ହେରାଲ୍‌ଡ୍‌ରେ ପଣ୍ଡିତ ନେହେରୁ ଲେଖିଥିଲେ ଯେ ମ୍ୟୁନିଚ୍ ଚୁକ୍ତିରେ ହସ୍ତାକ୍ଷର କରିଥିବା ଦୃଷ୍ଟିରୁ ବ୍ରିଟେନ ଏବଂ ଫ୍ରାନସ୍‌କୁ ଲଜ୍ଜାରେ ମୁଖ ଲୁଚାଇବା ଆବଶ୍ୟକ ।




**୨୪.୩ ମାନଚିତ୍ର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀର ବିଜୟ ।**

## ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବାଭାସ

ଜର୍ମାନ ଏବଂ ଇଟାଲୀର ଯୁଗ୍ମ ଆକ୍ରମଣର ପ୍ରଥମ ଉଦାହରଣ ସ୍ପେନର ଗୃହଯୁଦ୍ଧ (୧୯୩୬-୩୯)ସମୟରେ ଦେଖାଦେଇଥିଲା । ଏହା ସମଗ୍ର ବିଶ୍ୱପାଇଁ ଭୟାବହ ପରିସ୍ଥିତି ସୃଷ୍ଟିକରିଥିଲା ଏଣୁ ଏହାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବାଭାଷ ବୋଲି ବିବେଚନା କରାଯାଏ ।

୧୯୩୬ ମସିହାରେ ସମାଜବାଦୀ, ସାମ୍ୟବାଦୀ ଏବଂ ଅନ୍ୟାନ୍ୟ ଫାସୀ ବିରୋଧୀ ଦଳଗୁଡିକ ଏକ ଲୋକପ୍ରିୟ ସାମୁଖ୍ୟ କ୍ଷମତା ଅଧିକାର କରିଥିଲେ । ସେମାନେ ଜେନେରାଲ ଫ୍ରାଙ୍କୋଙ୍କ ନେତୃତ୍ୱରେ ଏକ



ଟିପ୍ପଣୀ

ପ୍ରଜାତାନ୍ତ୍ରୀକ ସାଧାରତନ୍ତ୍ର ସରକାର ଗଠନ କରିଥିଲେ । କିନ୍ତୁ ସୈନ୍ୟବାହିନୀର ଏକ ଗୋଷ୍ଠୀ ତାଙ୍କୁ କ୍ଷମତା ଚ୍ୟୁତ କରିବା ପାଇଁ ଯୋଜନା କରିଥିଲେ । ଜର୍ମାନ ଏବଂ ଇଟାଲୀ ଏମାନଙ୍କୁ ସାମରିକ ସାହାଯ୍ୟ ପ୍ରଦାନ କରିବା ସହିତ ଜର୍ମାନୀ ଆକାଶପୃଷ୍ଠରୁ ସ୍ପେନର ସହର ଏବଂ ଗ୍ରାମାଞ୍ଚଳଗୁଡିକ ଉପରେ ଆକ୍ରମଣ କରିଥିଲେ । ସେମାନେ ଦେଶର ଅନେକ ଅଞ୍ଚଳ ଅଧିକାର କରି ନିଜର ବସତା ସ୍ୱୀକାର କରିବା ପାଇଁ ଲୋକମାନଙ୍କୁ ଆତଙ୍କିତ କରିଦେଇଥିଲେ । ସାଧାରଣତନ୍ତ୍ର ସରକାର ସାହାଯ୍ୟ ଭିକ୍ଷା କରିଥିଲେ ମଧ୍ୟ ବ୍ରିଟେନ, ଫ୍ରାନ୍ସ ଏବଂ ଆମେରିକା ଅଣ ହସ୍ତକ୍ଷେପ ନୀତି ଗ୍ରହଣ କରିଥିଲେ । କେବଳ ମାତ୍ର ସୋଭିଏତ ସଂଘ ଉକ୍ତ ସାଧାରଣତନ୍ତ୍ରକୁ ସାହାଯ୍ୟ ପ୍ରଦାନ କରିଥିଲା ତଥା ଉକ୍ତ ସାଧାରଣତନ୍ତ୍ର ସପକ୍ଷରେ ଲଢିବା ପାଇଁସାରା ବିଶ୍ୱର ସମସ୍ତ ଫାସୀ ବିରୋଧୀମାନେ ଏକତ୍ରିତ ହୋଇ ଏକ ଆନ୍ତର୍ଜାତିକ ସୈନ୍ୟବାହିନୀ ଗଠନ କରିଥିଲେ । ସାଧାରଣତନ୍ତ୍ରକୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସହାୟତା ପ୍ରଦାନ କରିବାପାଇଁ ପଣ୍ଡିତ ଜବାହରଲାଲ ନେହେରୁ ସ୍ପେନ ଯାଇଥିଲେ । ସ୍ପେନର ଗୃହଯୁଦ୍ଧ ବର୍ତ୍ତମାନ ଏକ ସ୍ପେନୀୟ ଘଟଣା ହୋଇ ରହି ନଥିଲା । କାରଣ ଏଥିରେ ହଜାର ହଜାର ସଂଖ୍ୟାରେ ଅଣ ସ୍ପେନୀୟ ମାନେ ସାଧାରଣତନ୍ତ୍ରକୁ ଫାସୀ କବଳରୁ ରକ୍ଷା କରିବାପାଇଁ ନିଜର ଜୀବନ ଉତ୍ସର୍ଗ କରିଦେଇଥିଲେ । ଉକ୍ତ ଗୃହ ଯୁଦ୍ଧ ତିନିବର୍ଷ ଧରି ଚାଲିଥିଲା । ୧୯୩୯ ବେଳକୁ ସ୍ପେନ ଫାସୀ ମାନଙ୍କୁ ପରାଜିତ କରି ଦେଇଥିଲା ଏବଂ ଉକ୍ତ ନୂତନ ସରକାରଙ୍କୁ ଅଧିକାଂଶ ପାଶ୍ଚାତ୍ୟ ଦେଶ ମାନେ ସ୍ୱୀକୃତି ପ୍ରଦାନ କରିଥିଲେ ।

**ପୋଲାଣ୍ଡ ଆଡକୁ :-**

ତୁମେ ବୁଝିପାରୁଥିବ ଯେ ପାଶ୍ଚାତ ଦେଶମାନଙ୍କ ଦ୍ୱାରା ଗ୍ରହଣ କରାଯାଇ ଥିବା ତୁଷ୍ଟି କରଣ ନୀତି ଫାସୀ ଶକ୍ତି ମାନଙ୍କୁ ଅଧିକ ଆକ୍ରମଣ କରିବାପାଇଁ ପ୍ରୋତ୍ସାହିତ କରିଥିଲେ । ସୋଭିଏତ୍ ସଂଘ ଏକ ଫାସୀବାଦ ବିରୋଧୀ ବୁଝାମଣା ପାଇଁ ଦାବି କରିଥିଲେ ମଧ୍ୟ ପାଶ୍ଚ୍ୟାତ ଶକ୍ତି ମାନେ ଏଥିରେ ରାଜି ହୋଇନଥିଲେ । ନିଜର ସ୍ୱାର୍ଥରକ୍ଷା ଲାଗି ସୋଭିଏତ୍ ସଂଘ ଜର୍ମାନ ସହିତ ଏକ ଅନାକ୍ରମଣ ଚୁକ୍ତିରେ ଅଗଷ୍ଟ ୧୯୩୯ ରେ ସ୍ୱାକ୍ଷର କରିଥିଲେ । ବର୍ତ୍ତମାନ ହିଟଲର ପୋଲାଣ୍ଡ ଆଡକୁ ଦୃଷ୍ଟି ନିକ୍ଷେପ କରିଥିଲେ । ତୁମର ମନେ ଥାଇପାରେ ଯେ ପୂର୍ବ ପ୍ରୁସିଆକୁ ଅବଶିଷ୍ଟାଂଶ ଜର୍ମାନୀଠାରୁ ଅଲଗା କରୁଥିବା ମୁକ୍ତ ସହର ଡେନ୍‌ଜିଗ୍ ଏବଂ ପୋଲାଣ୍ଡ ସମ୍ମୁଖସ୍ତ ସଂକୀର୍ଣ୍ଣ ଅଞ୍ଚଳ ଦ୍ୱୟକୁ ଅଧିକାର କରିବା ପାଇଁ ହିଟଲର ଚାହୁଁଥିଲେ । ବ୍ରିଟିସ ଏବଂ ଫ୍ରାନ୍ସର ସରକାର ମାନେ ଏହା ଘୋଷଣା କରିଥିଲେ ଯେ ଯଦି ଜର୍ମାନ ପୋଲାଣ୍ଡ ଆକ୍ରମଣ କରେ ତେବେ ସେମାନେ ଜର୍ମାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବେ । କିନ୍ତୁ ଏଥିରେ ହିଟଲରଙ୍କୁ କ୍ଷାନ୍ତ କରାଯାଇପାରି ନଥିଲା । ୧ ସେପ୍ଟେମ୍ବର ୧୯୩୯ ଦିନ ଜର୍ମାନ ପୋଲାଣ୍ଡ ଆକ୍ରମଣ କରିଥିଲେ । ଏହାର ଦୁଇଦିନ ପରେ ବ୍ରିଟେନ ଏବଂ ଫ୍ରାନସ ଜର୍ମାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲା । ଏହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ।

**ପାଠଗତ ପ୍ରଶ୍ନ ୨୪.୪**

ଶୂନ୍ୟସ୍ଥାନ ପୂରଣ କର

୧.

୨ ୧୯୩୧ରେ ଜାପାନ.............ଆକ୍ରମଣ କରିଥିଲା ।

୩. ଇଟାଲୀ.............ଅଧିକାର କରିବା ପାଇଁ ରାଷ୍ଟ୍ରସଂଘକୁ ଅବମାନନା କରିଥିଲା ।



ଟିପ୍ପଣୀ



୪. ଜର୍ମାନ ସେନାମାନେ.............ର ବିସୈନ୍ୟକରଣ କ୍ଷେତ୍ରରେ ପ୍ରବେଶ କରିଥିଲେ ।

୫. ମ୍ୟୁନିଚ୍ ଚୁକ୍ତି ଜର୍ମାନକୁ .............ଅଧିକାର କରିବାପାଇଁ ସମ୍ମତି ପ୍ରଦାନ କରିଥିଲେ ।

୬. ଏନ୍‌ଷ୍ଟୁଲସ୍ .............ଏବଂ.............ର ସଂଯୋଜନକରୁଥିଲା ।

୭. ସ୍ପେନର ଲୋକପ୍ରିୟ ସାମୁଖ୍ୟ ସରକାରରେ.............ସମ୍ମିଳୀତ ଥିଲେ ।

୮. .............ଆକ୍ରମଣ କରିବା ଦ୍ୱାରା ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା ।

୯. କୋମିନଟର୍ଣ୍ଣ ବିରୋଧୀଚୁକ୍ତି.............ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ।

୧୦. ତୁଷ୍ଟିକରଣ ନୀତି .............କୁ ପ୍ରୋତ୍ସାହନ ଦେଉଥିଲା ।

## ୨୪.୫ ଯୁଦ୍ଧ ସମୟର ପୃଥିବୀ

ଏବେ ଆମେ ପଢିଲେ ଯେ ପୋଲାଣ୍ଡ ଉପରେ ଆକ୍ରମଣକୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆରମ୍ଭ ବୋଲି ଜଣାଯାଏ । ଜର୍ମାନୀର ସୈନ୍ୟ ବାହିନୀ ପଶ୍ଚିମ ପଟରୁ ପୋଲାଣ୍ଡ ସୀମାରେ ପ୍ରବେଶ କରି ତିନି ସପ୍ତାହ ମଧ୍ୟରେ ସମଗ୍ର ପୋଲାଣ୍ଡ ଅଧିକାର କରିଥିଲା । ଯୁଦ୍ଧ ଘୋଷଣା କରାଯିବା ସତ୍ୱେ ପୋଲାଣ୍ଡକୁ କୌଣସି ପ୍ରକାର ସାହାର୍ଯ୍ୟ ମିଳିପାରି ନଥିଲା । ଏହାର ସୁଯୋଗ ଦେଇ ସୋଭିଏତ୍ ରେଡ୍ ଆର୍ମି ସେହି ଅଞ୍ଚଳଗୁଡିକ ପୁନଃ ଅଧିକାର କରିବାପାଇଁ ଚେଷ୍ଟା କରିଥିଲା ଯେ ଗୁଡିକ ପୂର୍ବରୁ ରୁଷ ସାମ୍ରାଜ୍ୟର ଏକ ଅଂଶ ଥିଲା । ୧୯୪୦ ବେଳକୁ ରୁଷ ବଲ୍‌ଟିକ ରାଜ୍ୟ ଇଷ୍ଟୋନିଆଁ, ଲାଟିଭିଅ, ଏବଂ ଲିଥୁଆନିଆ ଅଧିକାର କରିଥିଲା ।ତଥା ଫିନ୍‌ଲ୍ୟାଣ୍ଡ ଉପରେ ଏକ ଚୁକ୍ତି ବଳପୂର୍ବକ ଲଦି ଦେଇଥିଲା । ପ୍ରଥମ ଛ ମାସ ମଧ୍ୟରେ ପ୍ରକୃତରେ ବହୁତ କମ୍ ଯୁଦ୍ଧ ହୋଇଥିବାରୁ ଏହିସମୟକୁ ଫୋନି ଯୁଦ୍ଧର ସମୟ ବୋଲିକୁହାଯାଏ ।

୯ ଏପ୍ରିଲ୍୧୯୪୦ରେ ଜର୍ମାନୀ ସୈନ୍ୟବାହିନୀ ନରୱେ ଏବଂ ଡେନମାର୍କ ଉପରେ ଆକ୍ରମଣ କରି ସେ ଅଞ୍ଚଳକୁ ଅଧିକାର କରିଥିଲା ।ଏହା ପରେ ପରେ ନିରପେକ୍ଷ ରାଷ୍ଟ୍ର ବେଲ୍‌ଜିୟମ୍,ହଲାଣ୍ଡ ଏବଂ ଲକ୍ସମ୍‌ବର୍ଗର ପତନ ଘଟିଥିଲା । ଏହା ପରେ ପରେ ଫ୍ରାନ୍ସ ଅଭିଯାନ ଆରମ୍ଭ ହୋଇଥିଲା । ୧୪ ଜୁନ୍ ୧୯୪୦ ଦିନ ଜର୍ମାନୀ ସେନା ବାହିନୀ ବିନା ଯୁଦ୍ଧରେ ରାଜଧାନୀ ନଗର ପ୍ୟାରିସ୍ ଅଧିକାର କରିଥିଲା । ଏହା ପରେ ଫ୍ରାନ୍ସର ସରକାର ଆତ୍ମସମର୍ପଣ କରିଥିଲେ ଏବଂ ଜର୍ମାନୀ ଉତ୍ତର ଫ୍ରାନ୍ସର ପ୍ରାୟ ଅର୍ଦ୍ଧେକ ଅଞ୍ଚଳକୁ ଅଧିକାର କରିଥିଲା । ଅଧା ଅଞ୍ଚଳ ଫ୍ରାନ୍ସପାଖରେ ରହିଲା ଏବଂ ଏହାକୁ ଭିଚି ଫ୍ରାନ୍ସ କୁହାଗଲା । ଏହା "ନାଜି"ମାନଙ୍କ ସହିତ ସହଯୋଗ ସ୍ଥାପନ କରିଥିଲା । ହିଟଲରଙ୍କ ଦ୍ୱାରା ଅତି କ୍ଷିପ୍ର ବେଗରେ ୟୁରୋପୀୟ ଦେଶ ମାନଙ୍କୁ ଅଧିକାର କରିବାକୁ "ବିଜୁଳି ଯୁଦ୍ଧ" କୁହାଯାଏ ।


ଏହି ସମୟରେ ଆତ୍ମସମର୍ପଣ କରିନଥିବା ପ୍ରାୟ ୩, ୫୦, ୦୦୦ ବ୍ରିଟିସ, ଫରାସୀ ଏବଂ ବେଲଜିୟମ୍‌ର ସୈନ୍ୟମାନେ ଫ୍ରାନ୍ସର ଉତ୍ତର ଉପକୂଳରେ ଥିବା ଡନ୍‌କିର୍କ ପହଞ୍ଚିଥିଲେ ଏବଂ ସେଠାରୁ ସେମାନେ ବ୍ରିଟେନ୍ ଆଡେ ଅଗ୍ରସର ହୋଇଥିଲେ । ସେମାନଙ୍କ ମଧ୍ୟରେ ଫ୍ରାନ୍ସର ସୈନ୍ୟ ବାହିନୀର କର୍ଣ୍ଣେଲ ଚାର୍ଲ୍ସ ଥିଲେ । ସେ ନାଜି ଜର୍ମାନ ବିରୁଦ୍ଧରେ ଯୁଦ୍ଧ କରିବାପାଇଁ ବ୍ରିଟେନରେ "ମୁକ୍ତ ଫ୍ରାନ୍ସ" ଆନ୍ଦୋଳନ ଆରମ୍ଭ କରିଥିଲେ ।

### ବ୍ରିଟେନ ପାଇଁ ଯୁଦ୍ଧ

ପଶ୍ଚିମ ୟୁରୋପର ବିଜୟ ଅଭିଯାନର ପରିସମାପ୍ତି ପରେ ହିଟଲର ବ୍ରିଟେନ ବିରୁଦ୍ଧରେ ଦୃଷ୍ଟି ନିକ୍ଷେପ କରିଥିଲେ । ଜର୍ମାନ ସ୍ପେନ, ଇଂଲିସ ପ୍ରଣାଳୀ ପାରି ନ ହେବା ପର୍ଯ୍ୟନ୍ତ ବ୍ରିଟେନ ବିରୁଦ୍ଧରେ "ସମୁଦ୍ର ସିଂହ

କାର୍ଯ୍ୟାନୁଷ୍ଠାନ" କୁହାଯାଉଥିବା ଅଥବା ସାମରୀକ କାର୍ଯ୍ୟାନୁଷ୍ଠାନ ସମ୍ଭବ ହୋଇପାରି ନଥିଲା । ଏହାର ଅର୍ଥ ହେଲା ଯେ ରାଜକୀୟ ବାୟୁସେନା ଏବଂ ରାଜକୀୟ ନୌ ସେନା କୁ କାର୍ଯ୍ୟରୁ ନିବୃତି (କାର୍ଯ୍ୟକ୍ଷାନ୍ତ) କରିବା ।

ଟିପ୍ପଣୀ



୨୪.୪ ଯୁଦ୍ଧ ସମୟର ବିଶ୍ୱ

ଉପର ବର୍ଣ୍ଣିତ ଘଟଣାକ୍ରମ ସମୟରେ ବ୍ରିଟେନର ସରକାର ପରିବର୍ତ୍ତିତ ହୋଇଥିଲା । ବ୍ରିଟିଶ୍ ପ୍ରଧାନ ମନ୍ତ୍ରୀ ଚେମ୍ବାରଲେନ୍, ମିଳିତ ସରକାରର ପ୍ରଧାନମନ୍ତ୍ରୀ ରୁପେ ଉଇନ୍‌ଷ୍ଟନ ଚର୍ଚ୍ଚିଲ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଅଗଷ୍ଟ ୧୯୪୦ ରେ ଜର୍ମାନୀ ବାୟୁସେନା (ଲୁପ୍ତ ୱେଫେ) ବ୍ରିଟେନ ଆକାଶ ମାର୍ଗରୁ ବ୍ରିଟିଶ୍ ବନ୍ଦର ଏବଂ ସହର ଗୁଡିକ ଉପରେ ଆକ୍ରମଣ କରିଥିଲା । ଜର୍ମାନ ରାତିରେ ବଡ ବଡ ସହର ବିଶେଷକରି ଲଣ୍ଡନ ଉପରକୁ ଆକ୍ରମଣ କରିଥିଲା ।ଆକାଶ ମାର୍ଗରୁ ଚାଲିଥିବା ରାଜକୀୟ ବାୟୁସେନା ଏବଂ ଲୁପ୍ତୱାଫି ମଧ୍ୟରେ ଯୁଦ୍ଧକୁ "କୁକୁର ଯୁଦ୍ଧ" କୁହାଯାଏ । ଚର୍ଚ୍ଚିଲଙ୍କ ପ୍ରଭାବ ଶାଳୀ ଭାଷଣ ଲୋକଙ୍କ ମନୋବଳକୁ ଦୃଢ ରଖିବା ସହିତ ବ୍ରିଟିଶ୍ ବାୟୁସେନା ଲୁପ୍ତୱେଫେର ଅନେକ କ୍ଷତି କରିଦେଇଥିଲା ।

ନଭେମ୍ବର ୧୯୪୦ ବେଳକୁ ଅପରେସନ୍ ସି-ଲାୟନ ବା ସମୁଦ୍ରସିଂହ କାର୍ଯ୍ୟାନୁଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥଗିତ ରଖାଯାଇଥିଲା ।

| |
|---|
| ରାଜକୀୟ ବାୟୁସେନାର ପ୍ରଶଂସାକରି ଚର୍ଚ୍ଚିଲ କହିଥିଲେ "କେଉଁ କେଉଁମାନେ ଏତେ କମ୍‌ରେ ଏତେ ଅଧିକ କାମ କରିବା ଦେଖିନଥିଲେ" । |

**ଯୁଦ୍ଧର ବିସ୍ତାର**

୨୭ ସେପ୍ଟେମ୍ବର ୧୯୪୦ରେ ଜର୍ମାନୀ,ଇଟାଲୀ ଏବଂ ଜାପାନ ବର୍ଲିନରେ ଏକ ତ୍ରିପକ୍ଷୀୟ ଚୁକ୍ତିରେ ସ୍ୱାକ୍ଷର କରିଥିଲେ ଏବଂ ସେମାନଙ୍କ ଉପରେ ଆକ୍ରମଣ ହେଲେ ପରସ୍ପର ପରସ୍ପରକୁ ସାହାର୍ଯ୍ୟ କରିବେ । ତିନି କେନ୍ଦ୍ରଶକ୍ତି ୟୁରୋପରେ ନୂତନ ବ୍ୟବସ୍ଥା ସ୍ଥାପନ ପାଇଁ ଜର୍ମାନୀ ଏବଂ ଇଟାଲୀର ନେତୃତ୍ୱକୁ ଏବଂ ଏସିଆ ପାଇଁ ଜାପାନର ନେତୃତ୍ୱକୁ ସ୍ୱୀକାର କରିଥିଲେ । ଅନ୍ୟକିଛି ରାଷ୍ଟ୍ର ଯଥା:-ହଙ୍ଗେରୀ, ରୁମାନିଆ ଏବଂ ବୁଲଗେରିଆ ମଧ୍ୟ ଉକ୍ତ ଚୁକ୍ତିରେ ସାମିଲ ହୋଇଥିଲେ ।

ଏହି ସମୟରେ ଉକ୍ତ ଯୁଦ୍ଧ ୟୁରୋପ ଏବଂ ଆଫ୍ରିକାର ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଯାଇଥିଲା । ଇଟାଲୀ ଗ୍ରୀସ୍ ଆକ୍ରମଣକରି କଡା ମୁକାବିଲାର ସମ୍ମୁଖୀନ ହୋଇଥିଲା । ଏହା ସତ୍ତ୍ୱେ ଜର୍ମାନୀର ସେନା ବାହିନୀ ଗ୍ରୀସ୍, ୟୁଗୋସ୍ଲୋଭାକିଆ,ଏବଂ ଉତ୍ତର ଆଫ୍ରିକାର କିଛି ଅଞ୍ଚଳ ଅଧିକାର କରିବାରେ ସଫଳ ହୋଇଥିଲା । ଇଟାଲୀ ଏବଂ ବ୍ରିଟେନର ସୈନ୍ୟବାହିନୀ ଆଫ୍ରିକାର ଅନେକ ଅଞ୍ଚଳରେ ଯୁଦ୍ଧରେ ଲିପ୍ତ ହୋଇଥିଲେ ଏବଂ ଉକ୍ତ ଯୁଦ୍ଧ ପ୍ରାୟ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ଚାଲୁ ରହିଥିଲା ।

**ଜର୍ମାନୀର ସୋଭିଏତ୍ ସଂଘକୁ ବିରୋଧ**

ହିଟଲର ସୋଭିଏତ୍ ସଂଘ ବିରୋଧରେ ଯୁଦ୍ଧ କରିବାର ନିଷ୍ପତ୍ତି ଉକ୍ତ ଯୁଦ୍ଧ ସହିତ ଏକ ନୂତନ ଅଧ୍ୟାୟ ଯୋଡିଦେଇଥିଲେ । ଅନାକ୍ରମଣ ଜନିତ ଚୁକ୍ତିକୁ ଭୁଲିଯାଇ ଔପଚାରିକ ରୂପେ ଯୁଦ୍ଧ ଘୋଷଣା ନକରି ୨୨ଜୁନ୍ ୧୯୪୧ରେ "ବାରବାରୋସା" କାର୍ଯ୍ୟାନୁଷ୍ଠାନ ଅଥବା ବାରବାରୋସା ଅପରେସନ୍ ଆରମ୍ଭ କରିଥିଲା । ଜର୍ମାନୀର ସେନା ବାହିନୀ ଦୃତଗତିରେ ତିନି ସୀମା- ଯଥା ଲେନିନ୍‌ଗ୍ରେଡ, ମସ୍କୋ ଏବଂ କିଭ ଆଡକୁ ଅଗ୍ରସର ହୋଇଥିଲେ ସୋଭିଏତ୍ ସଂଘଦ୍ୱାରା କରାଯାଇଥିବା ଆକୁଳ ନିବେଦନ ଫଳବତୀ ହେଲା ଏବଂ ବ୍ରିଟେନ ଏବଂ ଆମେରିକା ଏହି ସମୟରେ ସାହାର୍ଯ୍ୟ ପ୍ରଦାନ କରିଥିଲେ ।

ହିଟଲର ଶୀତଋତୁର ଆଗମନ ପୂର୍ବରୁ ଯୁଦ୍ଧକୁ ଶେଷ କରିବାର ଆଶା ପ୍ରକାଶ କରିଥିଲେ । ଅକ୍ଟୋବର ମାସର ପ୍ରାରମ୍ଭ ବେଳକୁ ମସ୍କୋ ସଶସ୍ତ୍ର ସୈନ୍ୟ ଦ୍ୱାରା ପରିବେଷ୍ଟିତ ହୋଇ ଯାଇଥିଲେ । ସେତେବେଳକୁ ରୁଷିଆରେ ଶୀତଋତୁ ଆରମ୍ଭ ହୋଇଯାଇଥିଲା । ଗୋଟାଏ ମାସରେ ତାପମାତ୍ରା -୪୦ ଡିଗ୍ରୀ ସେଲ୍ସିୟସ୍ ପର୍ଯ୍ୟନ୍ତ ଚାଲିଯାଇଥିଲା । ଜର୍ମାନର ସେନାବାହିନୀ ଏବଂ ତାଙ୍କର ଉପକରଣ ଗୁଡିକ ପ୍ରବଳ ଥଣ୍ଡାରେ କାର୍ଯ୍ୟକାରୀ ହୋଇପାରି ନଥିଲା ଡିସେମ୍ବର ବେଳକୁ ସୋଭିଏତ୍ ସଂଘ ପାଲଟା ଆକ୍ରମଣ କରିବାରୁ ଜର୍ମାନ୍‌ସେନା ବାହିନୀ ପଛକୁ ହଟି ଆସିଥିଲେ । ମସ୍କୋ ପ୍ରତି ବିପଦ ଶେଷ ହୋଇଥିଲା । ଅପରେଶନ ବାରବୋରସା ଅସଫଳହେଲେ ମଧ୍ୟ ଜର୍ମାନ ଅନ୍ୟଏକ ରୁଷର ଶୀତ ଋତୁଦ୍ୱାରା କଷ୍ଟପାଇ ଏବଂ ସାହସିକ ସୋଭିଏତ୍ ରେଡଆର୍ମି ବା ଲାଲ ବାହିନୀ ସହିତ କଠୋର ମୁକାବିଲାର ସମ୍ମୁଖୀନ ହୋଇ ପୂର୍ଣ୍ଣ ପରାଜୟ ସ୍ୱୀକାର କରିଥିଲା ।

**ସାରା ବିଶ୍ୱରେ ଯୁଦ୍ଧ**

ଯୁଦ୍ଧର ପ୍ରାରମ୍ଭରୁ ଆମେରିକା ବ୍ରିଟେନ ପ୍ରତି ସହାନଭୁତି ପ୍ରଦର୍ଶନ କରିଥିଲା ଏବଂ ତାକୁ ପ୍ରଥମ ନଗଦ

କାରବାର ପାଇଁ ଏବଂ ତାପରେ ଉଦ୍ଧାର--ପଟ୍ଟା ମାଧ୍ୟମରେ ଅସ୍ତ୍ରଶସ୍ତ୍ର କିଣିବାକୁ ଅନୁମତି ଦେଇଥିଲା । ନଭେମ୍ବର ୧୯୪୧ରେ ହୋଇଥିବା ପରବର୍ତ୍ତୀ ବୁଝାମଣା ଅନୁସାରେ ସୋଭିଏତ୍ ସଂଘକୁ ଏହି ସୁବିଧା ପ୍ରଦାନ କରାଯାଇଥିଲା । ଏସବୁ ସତ୍ତ୍ୱେ ଆମେରିକା ପ୍ରତ୍ୟକ୍ଷଭାବେ ଯୁଦ୍ଧରେ ଯୋଗଦେବାକୁ ବିରୋଧ କରୁଥିଲା ।

ଏଥି ସତ୍ତ୍ୱେ ୭ ଡିସେମ୍ବର ୧୯୪୧ ରେ ଜାପାନ ହାୱାଇର ପାର୍ଲ ହାରବରରେ ଥିବା ଆମେରିକାର ନୌ ସୈନ୍ୟ ଛାଉଣୀ ଉପରେ ଅଚାନକ ଆକ୍ରମଣ କରିଥିଲା । ଏହାଦ୍ୱାରା ପ୍ରଶାନ୍ତ ମହାସାଗରରେ ଥିବା ଆମେରିକାର ନୌବିହାର ଧ୍ୱଂସ ହେବା ସହିତ ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ସୈନିକଙ୍କ ମୃତ୍ୟୁ ଘଟିଥିଲା । ୮ ଡିସେମ୍ବରରେ ଆମେରିକା ଜାପାନ ବିରୁଦ୍ଧରେ ଯୁଦ୍ଧଘୋଷଣା କରିଥିଲା ଏବଂ ତା'ର କିଛି ଦିନ ପରେ ଜର୍ମାନ ଏବଂ ଇଟାଲୀ ବିରୁଦ୍ଧରେ ମଧ୍ୟ ଯୁଦ୍ଧ ଘୋଷଣା କରିଥିଲା । ବାସ୍ତବରେ ଏହି ଯୁଦ୍ଧ ବିଶ୍ୱଯୁଦ୍ଧରେ ପରିଣତ ହୋଇଥିଲା ।

ପାର୍ଲ ହାରବର ପରେ ୧୯୪୨ ମଧ୍ୟରେ ଜାପାନୀ ମାନେ ଥାଇଲାଣ୍ଡ, ମଳୟ, ସିଙ୍ଗାପୁର, ହଂକଂ, ଫିଲିପାଇନସ୍ ଏବଂ ବର୍ମା ଆଦିକୁ ଅଧିକାରକରି ସୁଦୂର ପ୍ରାଚ୍ୟରେ ତୀବ୍ର ଗତିରେ ଅଗ୍ରସର ହୋଇଥିଲେ । ଫାସୀବାଦ ରାଷ୍ଟ୍ରମାନେ କ୍ଷମତାର ଚରମ ସୀମାରେ ପହଞ୍ଚିଥିଲେ ।

### ଷ୍ଟାଲିନଗ୍ରେଡ ଯୁଦ୍ଧ

୧୯୨୪ ମସିହାର ଗ୍ରୀଷ୍ମ ଋତୁରେ ହିଟଲରଙ୍କ ସୈନ୍ୟବାହିନୀ ସୋଭିଏତ୍ ସଂଘ ଉପରେ ଆକ୍ରମଣ ଆରମ୍ଭ କରିଥିଲା । ହିଟଲର ପୁନର୍ବାର ଜିତିବାର ଆଶା ରଖିଥିଲେ ମଧ୍ୟ ଷ୍ଟାଲିନ୍‌ଗ୍ରେଡଠାରେ ଜର୍ମାନୀ ସେନାବାହିନୀକୁ ଗତିରୋଧ କରାଯାଇଥିଲା । ନଭେମ୍ବର ବେଳକୁ ଜର୍ମାନ ସେନା ଷ୍ଟାଲିନ୍‌ଗ୍ରେଡ ପାଖା ପାଖିଥିବା ସମୟରେ ସୋଭିଏତ ସେନାମନେ ସେମାନଙ୍କୁ ଘେରିଯାଇଥିଲେ ଓ ସେମାନଙ୍କର ସମସ୍ତ ଯୋଗାଯୋଗ କୁ ବିଚ୍ଛିନ୍ନ କରିଦେଇଥିଲେ । ରୁଷର ଶୀତ ଦ୍ୱାରା ଅନେକ ଜର୍ମାାନ ସୈନ୍ୟ ମୃତ୍ୟୁବରଣ କରିବା ସହିତ ୩୧ ଜାନୁୟାରୀ ୧୯୪୩ ବେଳକୁ ସମଗ୍ର ଜର୍ମାନ ସେନାବାହିନୀ ପରାଜୟ ବରଣ କରିଥିଲେ । ଉକ୍ତ ଯୁଦ୍ଧରେ ଜର୍ମାନୀ ଏବଂ ତାର ମିତ୍ରରାଷ୍ଟ୍ର ମାନଙ୍କର ପ୍ରାୟ ୨,୫୦,୦୦୦ ଲୋକ ପ୍ରାଣ ତ୍ୟାଗକରି ଯୁଦ୍ଧର ଗତିବିଧିକୁ ବଦଳାଇ ଦେଇଥିଲା । ବହୁ ସଂଖ୍ୟକ ଲୋକଙ୍କର ମୃତ୍ୟୁ ତଥା କ୍ଷତ ବିକ୍ଷତ ହେବାଦ୍ୱାରା ସୋଭିଏତ୍ ସଂଘର ବହୁ କ୍ଷୟକ୍ଷତି ଘଟିଥିଲା ।

### ପରିସମାପ୍ତିର ଆରମ୍ଭ

ଏହି ସମୟରେ ଉତ୍ତର ଆଫ୍ରିକାରେ ଏ ଯୁଦ୍ଧ ପଶ୍ଚାତ୍ ଅଷ୍ଟମ ସେନା ବାହିନୀର ନେତୃତ୍ୱ ନେଉଥିବା ଜେନେରେଲ ମୋଣ୍ଟଗମରୀ ଏବଂ ଇଟାଲୀର ସେନା ବାହିନୀକୁ ସହାୟତା ଦେବାପାଇଁ ହିଟଲରଙ୍କ ଦ୍ୱାରା ପଠାଯାଇଥିବା ଜେନେରେଲ ରୋମେଲ ଙ୍କ ଅଧିନରେ ଥିବା ଜର୍ମାନ ଆଫ୍ରିକା ସୈନ୍ୟ ବାହିନୀ ମଧ୍ୟରେ ସଂଘର୍ଷରେ ପରିଣତ ହୋଇଥିଲା । ଅଗଷ୍ଟ ୧୯୪୨ ରେ ଜେନେରେଲ ରୋମେଲ ଇଜିପଟ୍ ଆଡକୁ ଅଗ୍ରସର ହୋଇଥିଲେ । ଏହି ଚୁଡାନ୍ତ ଯୁଦ୍ଧ ଇଜିପଟ୍‌ର ଉତ୍ତରାଞ୍ଚଳ ଉପକୂଳରେ ଅକ୍ଟୋବର ୧୯୪୩ରେ ଏଲ. ଆଲାମେଁ ଠାରେ ସଂଘଟିତ ହୋଇଥିଲା ଏବଂ ଏଥିରେ ରୋମେଲ ପରାଜୟ ବରଣ କରିଥିଲେ ।

୧୯୪୩ ଗ୍ରୀଷ୍ମ ବେଳକୁ ମିତ୍ରଶକ୍ତି ଉତ୍ତର ଆଫ୍ରିକା ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ଜୁଲାଇ ମାସରେ ଏମାନେ ସିସିଲୀ ଉପରେ ଆକ୍ରମଣ କରୁଥିଲେ । ମୁସୋଲିନଙ୍କ ସରକାରକୁ ଗାଦିଚ୍ୟୁତ କରାଯାଇଥିଲା ଏବଂ ଇଟାଲୀ ବିନା ସର୍ତ୍ତରେ ଆତ୍ମସମର୍ପଣ କରିଥିଲା । ତତ୍‌କ୍ଷଣାତ୍ ଜର୍ମାନ ସୈନ୍ୟ ବାହିନୀ ଉତ୍ତର



ଟିପ୍ପଣୀ

ଇଟାଲୀକୁ ଯାଇ ମୁସୋଲିନଙ୍କୁ ଉଦ୍ଧାର କରିଥିଲେ ଏବଂ ସେଠାରେ ସେ ଜର୍ମାନ ସହାୟତାରେ ଏକ ସରକାର ଗଠନ କରିଥିଲେ ।

ପୂର୍ବ ସୀମାରେ ସୋଭିଏତ୍ ରେଡ୍ ଆର୍ମି ହିଟଲରଙ୍କ ସୈନ୍ୟ ବାହିନୀକୁ ସେହି ରାସ୍ତାରେ ପଛକୁ ହଟାଇବା ପାଇଁ ବାଧ୍ୟ କରିଥିଲେ । ଯେଉଁଠାରୁ ଗତ ଅଢେଇବର୍ଷ ତଳେ ସେମାନେ ଗଭୀର ଆତ୍ମବିଶ୍ୱାସର ସହିତ ଯୁଦ୍ଧ ଯାତ୍ରା ଆରମ୍ଭ କରିଥିଲେ ।

ଅଧିକାଂଶ ପୂର୍ବ ୟୁରୋପୀୟ ରାଷ୍ଟ୍ର- ପୋଲାଣ୍ଡ,ରୁମାନିଆଁ, ବୁଲଗେରିଆ, ଚେକୋସ୍ଲୋଭାକିଆ ତଥା ହଂଗେରୀ ଆଦି ସ୍ୱାଧିନ ହୋଇଯାଇଥିଲେ । ଫାସୀବାଦୀ ମାନଙ୍କୁ ଗ୍ରୀସ୍, ଯୁଗୋସ୍ଲୋଭିଆ ଏବଂ ଆଲବାନିଆଁରୁ ବିତାଡିତ କରିଦିଆଯାଇଥିଲା ।

ଜୁନ୍ ୧୯୪୪ ବେଳକୁ ମିତ୍ର ଶକ୍ତି ପଶ୍ଚିମ ୟୁରୋପରେ ଦ୍ୱିତୀୟ ସାମ୍ମୁଖ୍ୟ ଗଠନ କରିଥିଲେ । ଜୁନ୍ ୬ ତାରିଖ ଦିନ ମିତ୍ରଶକ୍ତି ସେନାବାହିନୀର ପ୍ରଥମ ଦଳ ଫ୍ରାନ୍ସର ଉତ୍ତର ଉପକୂଳ ଅଞ୍ଚଳରେ ଓହ୍ଲାଇଥିଲେ । ଏଠାରେ ସୈନ୍ୟ ଅବତରଣ ସମ୍ପୂର୍ଣ୍ଣଭାବେ ଗୋପନୀୟ ଥିଲା ଏଣୁ ଉକ୍ତ ସୈନ୍ୟ ବାହିନୀ ଜର୍ମାନ ସୁରକ୍ଷା ବଳୟ ମଧ୍ୟରୁ ସେପ୍ଟେମ୍ବର ସୁଦ୍ଧା ବ୍ରସେଲସ୍, ପ୍ୟାରିସ୍, ଲକ୍ସମବାର୍ଗକୁ ମୁକ୍ତି ପ୍ରଦାନ କରିଥିଲେ ।

### ଫାସୀବାଦୀଙ୍କ ଦ୍ୱାରା ଆତ୍ମସମର୍ପଣ

୧୯୪୫ ମସିହାର ବସନ୍ତ ଋତୁ ବେଳକୁ ଯୁଦ୍ଧର ପରିସମାପ୍ତି ଦୃଷ୍ଟି ଗୋଚର ହୋଇଥିଲା । ମିତ୍ର ଶକ୍ତିର ସୈନ୍ୟ ବାହିନୀ ଇଟାଲୀର ଅଧିକାଂଶ ସହର ଗୁଡିକୁ ଅଧିକାର କରି ସାରିଥିଲେ । ଏପ୍ରିଲ ବେଳକୁ ଫାସୀବାଦୀଙ୍କ ଅଧିନରେ ଥିବା ଅଞ୍ଚଳ ମାନଙ୍କରେ ଥିବା ବିଦ୍ରୋହ ଦେଖାଦେଇଥିଲା । ଏପ୍ରିଲ ୨୮ରେ ମୁସୋଲିନୀଙ୍କୁ ବନ୍ଦୀ କରି ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଏହା ପରେ ଇଟାଲୀରୁ ଫାସୀବାଦ ନିର୍ବାପିତ ହୋଇଥିଲା । ବର୍ତ୍ତମାନ ଜର୍ମାନୀର ପତନ ମଧ୍ୟ ସୁନିଶ୍ଚିତ ହୋଇ ଯାଇଥିଲା । ମିତ୍ର ଶକ୍ତିର ସେନା ବାହିନୀ ଜର୍ମାନୀକୁ ତିନି ଦିଗରୁ ଯଥା ଦକ୍ଷିଣ, ଉତ୍ତର-ପଶ୍ଚିମ ଏବଂ ପୂର୍ବ ପଟରୁ ପ୍ରବେଶ କଲେ ଏଣେ ସୋଭିଏତ୍ ସୈନ୍ୟ ବାହିନୀ ବର୍ଲିନ ପହଞ୍ଚିଲାବେଳକୁ ହିଟଲର ଆତ୍ମହତ୍ୟା କରିଦେଇଥିଲେ । ମେ ୭ତାରିଖରେ ଜର୍ମାନୀ ବିନା ସର୍ତ୍ତରେ ଆତ୍ମ ସମର୍ପଣ କରିଥିଲା ।

### ଜାପାନର ପତନ

ଜର୍ମାନୀର ଆତ୍ମସମର୍ପଣ ପରେ ମଧ୍ୟ ଯୁଦ୍ଧ ଏସିଆ ଏବଂ ପ୍ରଶାନ୍ତ ମହାସାଗରରେ ଚାଲୁରହିଥିଲା । ପ୍ରଶାନ୍ତ ମହାସାଗର ତଥା ସୁଦୂର ପ୍ରାଚ୍ୟରେ ଆମେରିକା ତଥା ବ୍ରିଟେନର ବିଜୟ ସତ୍ତ୍ୱେ ଜାପାନର ସ୍ଥିତି ଅକ୍ଷୁର୍ଣ୍ଣ ରହିଥିଲା । ୬ ଅଗଷ୍ଟ ୧୯୪୫ ରେ ଆମେରିକା ପ୍ରଥମ ପରମାଣୁ ବୋମା ଜାପାନର ହିରୋସୀମା ଠାରେ ନିକ୍ଷେପ କରିଥିଲ । ସେଠାରେ ପ୍ରାୟ ୫୦ ହଜାର ଲୋକ ମୃତ୍ୟୁ ବରଣ କରିବା ସହିତ ନଗରଟି ଧରାସାୟୀ ହୋଇଯାଇଥିଲା । ଏହାର ଦୁଇଦିନ ପରେ ଦ୍ୱିତୀୟ ପରମାଣୁ ବୋମା ନାଗାସାକୀ ସହରକୁ ଧ୍ୱଂସ କରିବାରୁ ଜାପାନ ବାଧହୋଇ ଆତ୍ମସମର୍ପଣ କରିଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଲା । ପଚାଶରୁ ଉର୍ଦ୍ଧଦେଶ ଏଥିରେ ଯୋଗଦାନ କରିଥିଲେ । ବିଶ୍ୱରେ ଶାନ୍ତି ବଜାଇ ରଖିବା ପାଇଁ ମିଳିତ ଜାତିସଂଘର ସ୍ଥାପନା କରାଯାଇଥିଲା । କିନ୍ତୁ ଦୁଇ ମହାଶକ୍ତି ଯଥା ଆମେରିକା ଏବଂସୋଭିଏତ୍ ସଂଘ ତତ୍‌କ୍ଷଣାତ୍ ବିଶ୍ୱକୁ ଦୁଇଟି ଶକ୍ତି ସାମୁଖ୍ୟରେ ବିଭକ୍ତ କରିବାରେ ଚେଷ୍ଟା ଆରମ୍ଭ କରିଥିଲେ । ଏହାଦ୍ୱାରା ଶୀତଳ ଯୁଦ୍ଧର ସ୍ଥିତି ସୃଷ୍ଟି ହୋଇଥିଲା । ଏହି ବିଷୟରେ ଆମେ ଆଗାମୀ ଅଧ୍ୟାୟରେ ପଢିବା ।

## ୨୪.୫ ପାଠଗତ ପ୍ରଶ୍ନ

**୧. ନିମ୍ନଲିଖିତକୁ ମିଳାଅ ।**

| | | |
|---|---|---|
| ୧. | ମୁକ୍ତ ଫ୍ରାନ୍ସ ଆନ୍ଦୋଳନ | ଅପରେସନ ବାରବରୋସା । |
| ୨. | ବ୍ରିଟେନର ଯୁଦ୍ଧ | ୱିନ୍‌ଷ୍ଟନ ଚର୍ଚ୍ଚିଲ |
| ୩. | ସୋଭିଏତ ସଂଘର ଆକ୍ରମଣ | ଅପରେସନ ସି-ଲାୟନ୍ |
| ୪. | ବ୍ରିଟିଶ୍ ପ୍ରଧାନ ମନ୍ତ୍ରୀ | ନର୍ମାଣ୍ଡି |
| ୫. | ଦ୍ୱିତୀୟ ସାମୁଖ୍ୟ | ସ୍ପିଟ୍-ଫାୟାର ଏବଂ ହରିକେନ (          ) |
| ୬. | ବ୍ରିଟିଶ୍ ବାୟୁସେନା | ଚାର୍ଲ୍ସ ଡି ଗୌଲି । |

**୨. ନିମ୍ନଲିଖିତ ବାକ୍ୟକୁ ପୁରଣ କର ।**

୧. ଦ୍ୱିତୀୟ ବିଶ୍ୱଯୁଦ୍ଧ............ରୁ ଆରମ୍ଭ ହୋଇଥିଲା ।

୨. ଅପରେସନ ସି ଲାୟନ ସେତେବେଳେ ସମ୍ଭବଥିଲା ଯଦି ............ ।

୩. ପାର୍ଲହରବର ଆକ୍ରମଣରେ............ହେଲା

୪. ଅପରେସନ ବାରବରୋସା ବିଫଳ ହେବାର କାରଣ ହେଲା ............ ।

୫. ଷ୍ଟାଲିନ୍ ଗ୍ରେଡର ଯୁଦ୍ଧ............ ବୁଝାପଡୁଥିଲା ।

୬. ଏସିଆ ତଥା ପ୍ରଶାନ୍ତ ମହାଶାଗରରେ ଯୁଦ୍ଧ............ରେ ସମାପ୍ତ ହେଲା ।

## ତୁମେ କଣ ଶିଖିଲ

୧. ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବା ପରେ ପ୍ରଥମ ବିଶ୍ୱଯୁଦ୍ଧର ସମାପ୍ତି ଘଟିଥିଲା । ଏବଂ ଯୁଦ୍ଧ ଠାରୁ ପୃଥିବୀକୁ ସୁରକ୍ଷୀତ ରଖିବାପାଇଁ ରାଷ୍ଟ୍ର ସଂଘର ସ୍ଥାପନ କରାଯାଇଥିଲା ।

୨. ଉକ୍ତ ଚୁକ୍ତି ଗୁଡିକ ୟୁରୋପର ମାନଚିତ୍ରକୁ ପରିବର୍ତ୍ତନ କରିଥିଲା । ରୁଷିଆ ଏବଂ ଅଷ୍ଟ୍ରିଆ- ହଙ୍ଗେରୀ ଭଳି ବିଶାଳ ସାମ୍ରାଜ୍ୟ ଗୁଡିକୁ ଭାଙ୍ଗୀ ତା ସ୍ଥାନରେ ଅନେକ ଛୋଟ ଛୋଟ ଜାତୀୟ-ରାଷ୍ଟ୍ରର ବିକାସ ଘଟିଥିଲା ।

୩. ରୁଷ ବିପ୍ଳବର ସଫଳତା ଦ୍ୱାରା ପ୍ରାୟ ସମସ୍ତ ୟୁରୋପୀୟ ଦେଶମାନଙ୍କରେ ସମାଜବାଦୀ ଚିନ୍ତାଧାରା ତଥା ସମାଦବାଦୀ ଦଳ ମାନଙ୍କ ବିକାସ ଘଟିଥିଲା ।

୪. ଯୁଦ୍ଧ ପରବର୍ତ୍ତୀ ସମୟରେ ୟୁରୋପର ଅଧିକାଂଶ ରାଷ୍ଟ୍ରରେ ଆର୍ଥିକ ସଂକଟ ଦେଖା ଦେବା ସହିତ ସେମାନଙ୍କର ସରକାରଗୁଡିକ ନିଜ ଦେଶକୁ ଏ ପ୍ରକାର ବିପ୍ଳବରୁ ରକ୍ଷା କରିବା ପାଇଁ ପଦକ୍ଷେପମାନ ଗ୍ରହଣ କରିଥିଲେ ।

୫. ଇଟାଲୀ ଏବଂ ଜର୍ମାନୀରେ ଶାସକ ଦଳ ଫାସୀ ଆନ୍ଦୋଳନକୁ ପ୍ରୋତ୍ସାହନ ଦେଇଥିଲା ଏହା ଦ୍ୱାରା ଇଟାଲୀରେ ମୁସୋଲିନୀ ଏବଂ ଜର୍ମାନୀରେ ହିଟଲରଭଳି ଏକଛତ୍ର ଶକ୍ତିଶାଳୀ ଶାସକ ମାନଙ୍କର ଆବିର୍ଭାବ ହୋଇଥିଲା । ଉକ୍ତ ଫାସିବାଦୀ ନେତାମାନେ ସମାଜବାଦୀ ତଥା ସାମ୍ୟବାଦୀ ମାନଙ୍କୁ ନିଷ୍ଠୁର ଭାବରେ ଦମନ କରିଥିଲେ । ଏମାନେ ସମ୍ରାଜ୍ୟ ବିସ୍ତାର ତଥା ଯୁଦ୍ଧ ଉପରେ ବିଶ୍ୱାସ ରଖିଥିଲେ । ଜାପାନ ଇଟାଲୀ ଏବଂ ଜର୍ମାନୀକୁ ସହଯୋଗ କରିଥିଲା ଏବଂ ଉକ୍ତ ତିନି କେନ୍ଦ୍ରଶକ୍ତି ୧୯୩୯ରେ କୋମିଂଟର୍ଣ୍ଣ ବିରୋଧି ରାଜିନାମା ଉପରେ ସ୍ୱାକ୍ଷର କରିଥିଲେ ।

୬. ଫାସୀବାଦୀମାନେ ଆକ୍ରମଣ ଆରମ୍ଭ କରିବା ସମୟରେ ପାଶ୍ଚାତ ଶକ୍ତିମାନେ ତୁଷ୍ଟି କରଣ ନୀତି ଅବଲମ୍ବନ କରିଥିଲେ କାରଣ ସେମାନେ ବିଶ୍ୱାସ କୀଥିଲେ ଯେ ଉକ୍ତ ଆକ୍ରମଣ ସୋଭିଏତ୍ ସଂଘ ବିରୁଦ୍ଧରେ ହିଁ ଉଦ୍ଦିଷ୍ଟ କିନ୍ତୁ ହିଟଲରଙ୍କ ଯୋଜନା ଅନ୍ୟ କିଛିଥିଲା । ତେଣୁ ଖୁବ୍‌ଶୀଘ୍ର ଏହି ଯୁଦ୍ଧ ୟୁରୋପକୁ ବ୍ୟାପିଯାଇଥିଲା ।

୭. ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫) ଅତ୍ୟଧିକ ମାତ୍ରରେ ବିନାଶକାରୀ ଥିଲା ଏବଂ ଜାପାନର ହିରୋସୀମା ଏବଂ ନାଗାସାକୀଠାରେ ପରମାଣୁ ବୋମା ପକାଇବା ଦ୍ୱାରା ସମାପ୍ତ ହୋଇଥିଲା ।

## ପାଠାନ୍ତ ପ୍ରଶ୍ନ

୧. ଭାର୍ସାଇ ସନ୍ଧିର କି କି ବ୍ୟବସ୍ଥା /ସର୍ତ୍ତ ଥିଲା ? କଣ ସେଠାରେ ଅନ୍ୟ ଏକ ଯୁଦ୍ଧର ବୀଜ ବପନ କରାଯାଇଥିଲା ?

୨. ଇଟାଲୀରେ ମୁସୋଲିନୀଙ୍କ କ୍ଷମତା ଅଧିକାର ବର୍ଣ୍ଣନା କର । ସେ କିଭଳି ବିରୋଧୀ ସହିତ ସମ୍ମୁଖୀନ ହେଲେ ?

୩. ନାଜୀ ନୀତିର କି ଉଦ୍ଦେଶ୍ୟ ଥିଲା ? କିଭଳି ହିଟ୍‌ଲର ସେହି ଲକ୍ଷ ହାସଲ କଲେ ? ତାଙ୍କର ପଦ୍ଧତି ଗୁଡ଼ିକ କଣ ଉଚିତ୍ ଥିଲା ?

୪. କଣ ପାଇଁ ପାଶ୍ଚାତ ରାଷ୍ଟ୍ରମାନେ ୧୯୩୦ ଦଶକରେ ତୁଷ୍ଟିକରଣ ନୀତି ଅବଲମ୍ବନ କରିଥିଲେ ? ଫାସୀବାଦ ଉପରେ ଏହାର କଣ ପ୍ରଭାବ ପଡିଥିଲା ?

## ପାଠଗତ ପ୍ରଶ୍ନର ଉତ୍ତର

**୨୪.୧**

କ. ୧. ଅଧିଦେଶାତ୍ମକ ସନ୍ଧି
 ୨. ମିତ୍ରଶକ୍ତିର ଅସ୍ତକ୍ଷେପ
 ୩. ପ୍ରତିଜ୍ଞାପତ୍ର
 ୪. ଅଧିଦେଶ( )
 ୫. ବାଲ୍‌ଟିକ ମହାସାଗରକୁ ମାର୍ଗ

ଖ. ୧. ଆନ୍ତରାଷ୍ଟ୍ରୀୟ ସହଯୋଗ, ଶାନ୍ତି ଏବଂ ସୁରକ୍ଷାର ପ୍ରସାର
 ୨. ଶାନ୍ତି, ସ୍ୱତନ୍ତ୍ରତା, ପ୍ରଜାତନ୍ତ୍ର ଏବଂ ସ୍ୱାଧୀନତାର ଯୁଗ



ଟିପ୍ପଣୀ

୩. ଜର୍ମାନୀ ସହିତ ସନ୍ଧି ଉପରେ ହସ୍ତାକ୍ଷର

୪. ଇଷ୍ଟୋନିୟା,ଲାଟାଭିଆ ଏବଂ ରୁଷିଆ

**୨୪.୨**

(କ) ୧. ଭୁଲ

୨. ଭୁଲ

୩. ଠିକ୍

୪ ଭୁଲ

୫ ଭୁଲ୍

(ଖ) ୧. ବ୍ଲାକ ସାର୍ଟସ

୨. ମେଁ କେମ୍ପ (ମୋ ସଂଘର୍ଷ)

୩. ପ୍ରଜାତନ୍ତ୍ର, ସମାଜବାଦ

୪. ମାର୍ଚ୍ଚ, ରୋମ

୫. ମାଞ୍ଚୁରିଆ, ଚୀନ

୨୪.୩

(କ) ୧. ଆମେରିକା

୨. କୁଲକ୍ସ

୩. ୟୁଏସ୍ଏସ୍ ଆର

୪. ସହକରୀ ଚାଷ

୫. ତୀବ୍ର ଆର୍ଥିକ ମାନ୍ଦା ଅବସ୍ଥା

(ଖ) ୧. ଠିକ୍

୨. ଠିକ୍

୩. ଭୁଲ

୪. ଠିକ୍

୫. ଠିକ୍

୨୪.୪

୧. ଆକ୍ରମଣ

୨ ମାଞ୍ଚୁରିଆ



୩. ଇଥିଓପିଆ
୪. ରାଇନ୍‌ଲେଣ୍ଡ
୫. ସୁଦେତାନ ଲେଣ୍ଡ
୬. ଅଷ୍ଟ୍ରିଆ,ଜର୍ମାନୀ
୭. ସମାଜବାଦୀ, ସାମ୍ୟବାଦ ଏବଂ ଫାସୀବାଦ ବିରୋଧୀ
୮. ପୋଲାଣ୍ଡ
୯. ଜର୍ମାନୀ, ଇଟାଲୀ ଏବଂ ଜାପାନ
୧୦. ଫାସୀବାଦୀ

୨୪.୫

(କ) ୧. ଚାର୍ଲ୍ସ ଡି ଗୌଲି
୨. ଅପରେସନ ସି-ଲାୟନ
୩. ଅପରେସନ ବାରବରୋସା
୪. ଓ୍ୱିନଷ୍ଟନ ଚର୍ଚ୍ଚିଲ
୫. ନର୍ମାଣ୍ଡୀ

(ଖ) ୧. ପୋଲାଣ୍ଡ ଉପରେ ଆକ୍ରମଣ
୨. ଜର୍ମାନ ସେନା ଇଂଲିଶ ଚାନେଲ ପାର କରିଥିଲା
୩. ଯୁଦ୍ଧରେ ଆମେରିକାର ପ୍ରବେଶ
୪. ଜର୍ମାନୀ ସେନାମାନେ ରୁଷର ଥଣ୍ଡା ସହ୍ୟ କରିପାରିନଥିଲେ ।
୫. ଯୁଦ୍ଧର ନିର୍ଣ୍ଣାୟକ ଘଟଣା
୬. ହିରୋସୀମା ଏବଂ ନାଗାସାକୀ ଉପରେ ପରମାଣୁ ବୋମା ପକାଇବା

**ପାଠାନ୍ତ ପ୍ରଶ୍ନର ସଂକେତ**

୧. ୨୪.୧ ପାରା ୨-୩
୨. ୨୪.୨ ପାରା ୩-୪
୩. ୨୪.୨ ପାରା ୭-୯
୪. ୨୪.୪ ପାରା -୧



ଟିପ୍ପଣୀ

## ଶବ୍ଦାବଳୀ

| | |
|---|---|
| ସମାମେଳନ | - ଅନ୍ୟର ରାଜ୍ୟକୁ ନିଜରାଜ୍ୟ ସହିତ ମିସେଇ ଦେବା । |
| କୋମିନଟର୍ଣ୍ଣ | - ରୁଷ କମ୍ୟୁନିଷ୍ଟ ରାଷ୍ଟ୍ର ଦ୍ୱାରା ସ୍ଥାପିତ ସଂଗଠନ ବିଶ୍ୱରେ ବିପ୍ଳବ ଆଣିବା ଉଦ୍ଦେଶ୍ୟରେ ବିଶ୍ୱର ସର୍ମ୍ପୁର୍ଣ୍ଣ କମ୍ୟୁନିଷ୍ଟ ପାଟି ଏହାର ସଦସ୍ୟ ଥିଲେ । |
| ଭାବପୁର୍ଣ୍ଣ ଭାଷଣ | - ଅନର୍ଗଳ, ଜବରଦସ୍ତ, ପ୍ରଭାବଶାଳୀ ପ୍ରବର୍ତ୍ତାଇବା ଢଙ୍ଗରେ କହିବା |
| ସମୁହ ହତ୍ୟା | - ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏବଂ ତା ପରେ ନାଜୀ ମାନଙ୍କ ଦ୍ୱାରା ପ୍ରାୟ ୬ ମିଲିଅନରୁ ଅଧିକ ୟୁରୋପର ଇହୁଦୀ ମାନଙ୍କୁ ସୁବ୍ୟବସ୍ଥିତ ଢଙ୍ଗରେ ହତ୍ୟା କରାଯାଇଥିଲା । |
| ସାମ୍ରାଜ୍ୟ ବାଦ | - ଉପନିବେଶ ଅଥବା ପରାଧୀନ ରାଷ୍ଟ୍ରକୁ ଅଧିକାର କରି ତାକୁ ଶାସନ କରିବା, ଉଦାହରଣ ସ୍ୱରୁପ ଭାରତ ବ୍ରିଟେନ ସାମ୍ରାଜ୍ୟ ବାଦର ଉପନିବେଶ ଥିଲା । |
| ଅତିରାଷ୍ଟ୍ରୀୟତା | - ଅତ୍ୟଧିକ ଦେଶ ଭକ୍ତି, ରାଷ୍ଟ୍ରପତି ଅତ୍ୟଧିକ ଆନୁଗତ୍ୟ |
| ସମାଜବାଦ | - ଏକ ରାଜନୈତିକ ତଥା ଆର୍ଥିକ ପ୍ରଣାଳୀ ଯେଉଁଥିରେ ଉତ୍ପାଦନ ଉପରେ ରାଷ୍ଟ୍ରର ନିୟନ୍ତ୍ରଣ ରହିଥାଏ ତଥା ଧନର ଉଚିତ୍ ବିତରଣ ହୋଇଥାଏ । |
| ଏକଦଳୀୟ ଏକଛତ୍ରବାଦୀ ଶାସନ | - ଏକ ପ୍ରକାର ସରକାର ଯେଉଁଠାରେ ଏକ ଦଳୀୟ ଏକଛତ୍ରବାଦୀ ଶାସନ କରନ୍ତି । ଏଠାରେ ରାଷ୍ଟ୍ର ସବୁଠାରୁ ଅଧିକ ଶକ୍ତିଶାଳୀ ଏବଂ ନାଗରିକ ମାନେ ରାଷ୍ଟ୍ରର ଅଧିନରେ ଥାଆନ୍ତି । |

## ସମୟ ରେଖା (୧୯୧୯- ୧୯୪୫)

| | |
|---|---|
| ୨୮ ଏପ୍ରିଲ୍ ୧୯୧୯ | - ରାଷ୍ଟ୍ର ସଂଘର ସ୍ଥାପନ |
| ୨୮ ଜୁନ୍ ୧୯୧୯ | - ଭାର୍ସାଇଚୁକ୍ତିର ସ୍ୱାକ୍ଷର |
| ୨୯ ଜୁଲାଇ ୧୯୨୧ | - ହିଟଲର ନାଜିପାଟିର ନେତା ହୋଇଥିଲେ । |
| ୨୮-୨୯ ଅକ୍ଟୋବର ୧୯୨୨ | - ରୋମ ଉପରେ ଆକ୍ରମଣ, ମୁସୋଲିନୀଙ୍କ ଦ୍ୱାରା ସରକାର ଗଠନ |
| ୨୯ ଅକ୍ଟୋବର ୧୯୨୯ | - ଆମେରିକାର ସେୟାର ବଜାରରେ ମାନ୍ଦା ଅବସ୍ଥା |
| ୩୦ ଜାନୁଆରୀ ୧୯୩୩ | - ହିଟଲର ଜର୍ମାନୀର ଚାନ୍ସେଲର ହେଲେ |
| ୨ ଅଗଷ୍ଟ ୧୯୩୪ | - ହିଟଲର ଜର୍ମାନୀର ରାଷ୍ଟ୍ରପତି ଭାବରେ କାର୍ଯ୍ୟ ଗ୍ରହଣ |
| ୭ ମାର୍ଚ୍ଚ ୧୯୩୪ | - ଜର୍ମାନ୍ ଦ୍ୱାରା ରାଇନ୍ ଲାଣ୍ଡ ଅଧିକାର |



ଟିପ୍ପଣୀ

| | | |
|---|---|---|
| ୯ ମଇ ୧୯୩୬ | - | ମୁସୋଲିନଙ୍କ ଦ୍ୱାରା ଇଥିୟୋପିଆ ଅଧିକାର |
| ୧୮ ଜୁଲାଇ ୧୯୩୬ | - | ସ୍ପେନ୍‌ରେ ଗୃହ ଯୁଦ୍ଧ ଆରମ୍ଭ |
| ୧୨ ମାର୍ଚ୍ଚ ୧୯୩୮ | - | ମ୍ୟୁନିକ୍ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା |
| ୨୩ ଅଗଷ୍ଟ ୧୯୩୯ | - | ନାଜି -ସୋଭିଏତ୍ ଚୁକ୍ତି |
| ୧ ସେପ୍ଟେମ୍ବର ୧୯୩୯ | - | ନାଜିଦ୍ୱାରା ପୋଲାଣ୍ଡ ଅଧିକାର |
| ୩ ସେପ୍ଟେମ୍ବର ୧୯୩୯ | - | ବ୍ରିଟେନ ଏବଂ ଫ୍ରାନ୍ସର ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା |
| ଏପ୍ରିଲ- ମେ ୧୯୪୦ | - | ନାଜି ନରୱେ, ଡେନମାର୍କ, ବେଲଜିୟମ , ହଲାଣ୍ଡ, ଲାକ୍ସମବାର୍ଗ ଏବଂ ଫ୍ରାନସର ଆକ୍ରମଣ |
| ଜୁଲାଇ ୧୦, ୧୯୪୦ | - | ବ୍ରିଟେନର ଯୁଦ୍ଧ ଆରମ୍ଭ |
| ୧୩ ସେପ୍ଟେମ୍ବର ୧୯୪୦ | - | ଇଟାଲୀର ଇଜିପ୍ଟ୍ ଉପରେ ଆକ୍ରମଣ କଲା । |
| ୧୨ ଅକ୍ଟୋବର ୧୯୪୦ | - | ଅପରେସନ ସିଲାୟନ ସମାପ୍ତ |
| ୨୨ଜୁନ୍ ୧୯୪୧ | - | ଅପରେସନ କାରବରୋସା ଆରମ୍ଭ |